ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.192 Bhubaneswar Thursday September 7 2023 | ୨୬ତମ ବର୍ଷ ସଂଖ୍ୟା-୧୯୨ ଭୁବନେଶ୍ୱର, ଗୁରୁବାର, ସେପ୍ଟେମ୍ବର ୭, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹1.50 | (Air Surcharge - 0.50P) | Member-INS

# ତାଳଗଛ କମୁଥିବାରୁ ବଢ଼ୁଛି ବଜ୍ରପାତ, ଯାଉଛି ଜୀବନ



ଭୁବନେଶ୍ୱର,୬।୯(ପି.ଏନ): ୨୦୨୧-୨୨ ବର୍ଷରେ ବଜ୍ରପାତରେ ୨୮୧ ଲୋକଙ୍କ ଜୀବନ ଯାଇଛି। ଯେଉଁଥିରୁ ଅଧିକାଂଶ ହେଉଛନ୍ତି ଗ୍ରାମାଞ୍ଚଳର ଲୋକ। ତେବେ ଏଠି ପ୍ରଶ୍ନ ଉଠୁଛି, ବଜ୍ରପାତରେ କାହିଁକି ଚାଲିଯାଉଛି ଏତେ ଜୀବନ କେମିତି ଏହାକୁ ରୋକାଯାଇପାରିବ ? ପାଣିପାଗ ବିଶେଷଜ୍ଞଙ୍କ ମତରେ ବଜ୍ରପାତଜନିତ ମୃତ୍ୟୁ ଲାଗି ତାଳଗଛ ହ୍ରାସ ଏକ ବଡ କାରଣ। ପୂର୍ବରୁ ଗ୍ରାମାଞ୍ଚଳରେ ପ୍ରତି ବିଲ ହୁଡାରେ ତାଳଗଛ ଥିଲା। ସେହି ତାଳଗଛ ବଜ୍ର ସୁରକ୍ଷା ଯନ୍ତ୍ର ଭଳି କାମ କରୁଥିଲା। ବଜ୍ରପାତ ହେଲେ, ସୁଉଚ୍ଚ ହୋଇଥିବାରୁ ବିଜୁଳି ତାଳ ଗଛ ଉପରେ ପଡୁଥିଲା। ତାହାର ପ୍ରଭାବରେ ତାଳ ଗଛ ନଷ୍ଟ ହୋଇଯାଉଥିଲା। କିନ୍ତୁ ବିଲ ବାଡିରେ କାମ କରୁଥିବା ଲୋକେ ବର୍ତ୍ତି ଯାଉଥିଲେ। ସମୟକ୍ରମେ ତାଳଗଛ ସଂଖ୍ୟା କମିବାରେ ଲାଗିଛି। ଫଳରେ ବର୍ଷା ଓ ବିଜୁଳି ଘଡଘଡି ମାରିବା ସମୟରେ ଲୋକମାନେ ବିଲ ଆଖପାଖରେ ଥିବା ଝଙ୍କାଳିଆ ଗଛ ତଳେ ଆଶ୍ରୟ ନେଉଛନ୍ତି ଓ ବଜ୍ରପାତର ଶିକାର ହେଉଛନ୍ତି। ତେବେ ଗ୍ରାମାଞ୍ଚଳ ଲୋକଙ୍କ କହିବା କଥା, ଏବେ ଗାଁରେ ଛପର ଘର କମିଥିବାରୁ ଆବଶ୍ୟକ ପଡୁନି ତାଳଗଛ। ତେଣୁ ତାଳଗଛ ଲଗାଇବାକୁ ମନ ବଳାଉନାହାନ୍ତି ଲୋକେ।

## ଦୁର୍ବଳ ହେଲା ଲଘୁଚାପ

ଭୁବନେଶ୍ୱର,୬।୯(ପି.ଏନ): ଗତକାଲି ଉତର-ପଶ୍ଚିମ ପାର୍ଶ୍ୱବର୍ତୀ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର ତତସଂଲଗ୍ନ ଦକ୍ଷିଣ-ଓଡିଶା ଏବଂ ଉତର ଆନ୍ଧ୍ରପ୍ରଦେଶ ଉପକୂଳସ୍ଥ ସମୁଦ୍ର ମଧ୍ୟରେ ସୃଷ୍ଟି ହୋଇଥିବା ଲଘୁଚାପ କ୍ଷେତ୍ର ଦୁର୍ବଳ ହୋଇଛି। କିନ୍ତୁ ଜଡିତ ଘୂର୍ଣ୍ଣବଳୟ ଆଜି ମଧ ଦକ୍ଷିଣ ଆଭ୍ୟନ୍ତରୀଣ ଓଡିଶା ଏବଂ ଏହାର ପାର୍ଶ୍ୱବର୍ତୀ ଅଂଚଳରେ ବାୟୁମଣ୍ଡଳରେ ୭.୬ କିମି ଯାଏଁ ସକ୍ରିୟ ରହିଛି। ମୌସୁମୀ ନିମ୍ନଚାପ ରେଖା ଆଜି ତାର ସାଧାରଣ ଅବସ୍ଥାନ ଠାରୁ ଦକ୍ଷିଣ ରେ ରହିବା ସହ ରାଜସ୍ଥାନର ବିକେନାର ରୁ ବାହାରି ଗୁନା, ମାଣ୍ଡଲା, ରାଏପୁର ମଧ ଦେଇ ଆନ୍ଧ୍ରପ୍ରଦେଶ ର କଳିଙ୍ଗାପାଟନମ ରୁ ଦକ୍ଷିଣ ପୂର୍ବ ଦିଗରେ ପଶ୍ଚିମକେନ୍ଦ୍ରୀୟ ବଙ୍ଗୋପସାଗର ଯାଏଁ ଲମ୍ବିଛି ତଥା ବାୟୁମଣ୍ଡଳରେ ୨.୧ କିମି ଉଚ୍ଚତା ଯାଏଁ ବ୍ୟାପିଛି । ଏହାର ପ୍ରଭାବରେ ରାଜ୍ୟରେ ଆଉ ୨ ରୁ ୩ ଦିନ ପର୍ଯ୍ୟନ୍ତ ବର୍ଷା ହୋଇପାରେ ବୋଲି ପୂର୍ବାନୁମାନ କରିଛି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର। ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲାରେ ପ୍ରବଳ ବର୍ଷା ହୋଇପାରେ। ୯ ତାରିଖ ପରେ ପାଗରେ ପରିବର୍ତନ ଆସିପାରେ। ୨୪ ଘଂଟା ମଧ୍ୟରେ ୧୮ ଜିଲ୍ଲାରେ ପ୍ରବଳ ବର୍ଷା (୭ରୁ ୧୧ ସେମି) ହେବାର ସମ୍ଭାବନା ଥିବାରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ଜିଲ୍ଲାଗୁଡିକ ହେଲା ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡା, ଗଜପତି, କଳାହାଣ୍ଡି, କନ୍ଧମାଳ, ନୂଆପଡା, ମୟୁରଭଂଜ।ସେହିପରି ୭ରୁ ୮ ତାରିଖ ମଧ୍ୟରେ ବରଗଡ, ସମ୍ବଲପୁର. ଝାରସୁଗୁଡା,ସୁନ୍ଦରଗଡ , ଦେବଗଡ,ଅନୁଗୁଳ, କେନ୍ଦୁଝର, ମୟୁରଭଂଜ ,ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାଗଡା, ଜଗତସିଂହପୁର ଓ ଯାଜପୁର ଜିଲ୍ଲାରେ ପ୍ରବଳ ବର୍ଷା ହୋଇପାରେ। ଏହି ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ।

# ୩ରୁ ୫ ଟଙ୍କା କମିବ ପେଟ୍ରୋଲ ଓ ଡିଜେଲ ଦର !



ଭୁବନେଶ୍ୱର,୬।୯(ପି.ଏନ): ମହଙ୍ଗା ମାଡରେ ଆଉଟ ପାଉଟ ହେଉଥିବା ଲୋକଙ୍କୁ ଆଶ୍ୱସ୍ତ କରିବା ପାଇଁ ନିକଟରେ କେନ୍ଦ୍ର ସରକାର ଏଲପିଜି ଦାମକୁ ୨୦୦ ଟଙ୍କା ହ୍ରାସ କରିଥିଲେ। ଆଗକୁ ନିର୍ବାଚନ ଥିବାରୁ ଏବେ ସରକାର ବର୍ଦ୍ଧିତ ତୈଳ ଦାମ ହ୍ରାସ କରିବା ମୁଡ୍‌ରେ ରହିଛନ୍ତି।ନଭେମ୍ବର-ଡିସେମ୍ବରରେ ୫ ରାଜ୍ୟରେ ବିଧାନସଭା ନିର୍ବାଚନ ହେବ। ଏହାପୂର୍ବରୁ ଅର୍ଥାତ ଦୀପାବଳି ବେଳକୁ କେନ୍ଦ୍ର ସରକାର ପେଟ୍ରୋଲ ଓ ଡିଜେଲ ଦାମ ଲିଟର ପିଛା ୩ରୁ ୫ ଟଙ୍କା ହ୍ରାସ କରିବେ ବୋଲି ଜେଏମ ଫାଇନାନ୍ସିଆଲ ଇନଷ୍ଟିଚ୍ୟୁସନାଲ ସିକ୍ୟୁରିଟିଜ୍ ଗୋଟିଏ ରିପୋର୍ଟରେ ଏପରି ଦାବି କରିଛି।

# ସମ୍ବିଧାନରେ କେମିତି ସ୍ଥାନ ପାଇଥିଲା 'ଭାରତ' ନାଁ, ତଥାପି ରହିଲା 'ଇଣ୍ଡିଆ

ଭୁବନେଶ୍ୱର,୬।୯(ପି.ଏନ): ଜି-୨୦ ପାଇଁ ନିମନ୍ତ୍ରଣ ପତ୍ରରେ ପାରମ୍ପାରିକ ଲେଖା 'ପ୍ରେସିଡେଣ୍ଟ ଅଫ୍ ଇଣ୍ଡିଆ'କୁ ପରିବର୍ତ୍ତିତ କରାଯାଇ 'ପ୍ରେସିଡେଣ୍ଟ ଅଫ୍ ଭାରତ' ଲେଖାଯିବା, ଏହାକୁ ବିରୋଧୀ ମେଣ୍ଟଙ୍କ ନାମ 'ଇଣ୍ଡିଆ' ସହ ତୁଳନା କରିବା ଆଦି ଚର୍ଚ୍ଚା ମଧ୍ୟରେ ଦେଶର ନାଁ ଭାରତକୁ ନେଇ ହେଉଛି ନାନା ଆଲୋଚନା। ଇଣ୍ଡିଆ କେଉଁ ଶବ୍ଦ, ଭାରତ କେଉଁ ଶବ୍ଦ, ଏ ଶବ୍ଦର ଉତ୍ପତ୍ତି କିପରି ଏବଂ କେଉଁ ନାମ ଦେଶ ପାଇଁ ଉପଯୁକ୍ତ ତା'ର ଆଲୋଚନା ଚା' ଖଟିରୁ ଚାଟଶାଳୀ ପର୍ଯ୍ୟନ୍ତ ହେଉଛି। ତେବେ ସମ୍ବିଧାନରେ ଭାରତ କିପରି ସ୍ଥାନ ପାଇଲା, ଭାରତକୁ ସମ୍ବିଧାନରେ ଉଲ୍ଲେଖ କରିବାକୁ କଣ କରାଯାଇଥିଲା, ପଢନ୍ତୁ ଏହି ଆଲେଖ୍ୟରେ... ନଭେମ୍ବର ୪, ୧୯୪୮, ସମ୍ବିଧାନ ପ୍ରଣୟନ କରୁଥାନ୍ତି ବି.ଆର୍. ଆମ୍ବେଦକର। ଡ୍ରାଫ୍ଟ କମିଟିର ଅଧ୍ୟକ୍ଷ ବି.ଆର୍. ଆମ୍ବେଦକର ସେତେବେଳେ ସମ୍ବିଧାନର ପ୍ରଥମ ଚିଠାରେ 'ଭାରତ' ନାମ ଉଲ୍ଲେଖ କରି ନଥିଲେ। ପ୍ରାୟ ଗୋଟିଏ ବର୍ଷ ପରେ, ଯେତେବେଳେ ସମ୍ବିଧାନ ପ୍ରଣୟନ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଲା ସେତେବେଳେ ସେପ୍ଟେମ୍ବର ୧୮, ୧୯୪୯ରେ ଆମ୍ବେଦକର ଏହି ସଂଶୋଧନ କରି ଧାରା ୧ର ଚିଠାରେ ଭାରତର ନାମ ଉଲ୍ଲେଖ କଲେ। ଯେଉଁଥିରେ ଦେଶର ନାମ ଉଲ୍ଲେଖ ଅଛି, 'ଇଣ୍ଡିଆ, ଯାହା ଭାରତ, ଏକ ୟୁନିଅନ ଷ୍ଟେଟ୍ସ ହେବ।'ସେତେବେଳେ ସମ୍ବିଧାନ ସଭା ବା କନ୍ ?ଷ୍ଟିଚୁଏଣ୍ଟ



ଆସେମ୍ବ୍ଲି ସଦସ୍ୟ ହରି ବିଷ୍ଣୁ କମାଥ ଏହାକୁ କେବଳ ଏକ ସାମ୍ବିଧାନିକ ସ୍ଲିପ୍ ବୋଲି କହିଥିଲେ। ତେଣୁ ଏହାକୁ ବଦଳାଇ ସେ ଦୁଇଟି ବିକଳ୍ପ ପରାମର୍ଶ ଦେଇଥିଲେ। ସେ କହିଥିଲେ 'ଭାରତ, କିମ୍ବା ଇଂରାଜୀ ଭାଷାରେ ଇଣ୍ଡିଆ ଏକ ୟୁନିଅନ୍ ଅଫ୍ ଷ୍ଟେଟ୍ସ' କିମ୍ବା 'ହିନ୍ଦ, ବା, ଇଂରାଜୀ ଭାଷାରେ ଇଣ୍ଡିଆ ଏକ ୟୁନିଅନ୍ ଅଫ୍ ଷ୍ଟେଟ୍ସ ହେବ।' କମାଥ ଏହି ସମୟରେ ଆୟର୍ଲାଣ୍ଡକୁ ଉଦାହରଣ ଦେଇ କହିଥିଲେ, 'ରାଷ୍ଟ୍ରର ନାମ ହେଉଛି ଆଇର୍, କିମ୍ବା ଇଂରାଜୀ ଭାଷାରେ ଆୟର୍ଲାଣ୍ଡ।' ଯେପରି ଲେଖାଯାଉଛି ଠିକ୍ ସେହିପରି।


# କୃଷକଙ୍କ ପୁଅଙ୍କୁ ଡକ୍ଟରେଟ୍ ଉପାଧି

ଭୁବନେଶ୍ୱର,୬।୯(ପି.ଏନ): ଏକ ପ୍ରେରଣା ଦାୟକ କାହାଣୀ ରେ ଜଣେ କୃଷକ ପିତା ଅନେକ ଅଭାବ ଓ ଅନାଟନ ଭିତରେ ତାଙ୍କ ପୁଅଙ୍କୁ ପି ଏଚ୍ ଡି ଭାବରେ ଦେଖିବା ପାଇଁ ଅନେକ ଚେଷ୍ଟା କରିଥିଲେ। ନିଷ୍ଠାର ଏହି ଉଲ୍ଲେଖନୀୟ କାହାଣୀରେ ସଫଳ ହୋଇଛନ୍ତି ପିତା ଦୁର୍ଯ ?ଧନ ପ୍ରଧାନ ଓ ମାତା ଲକ୍ଷ୍ମୀପ୍ରିୟା ପ୍ରଧାନ, ଗ୍ରାମ- ପିପ୍ପଳି ଡିହ, ପୋଷ୍ଟ- କଣ୍ଟୀ ଗଡିଆ, ଜିଲ୍ଲା ଯାଜପୁର, ଓଡ଼ିଶା। ତାଙ୍କର କନିଷ୍ଠ ପୁତ୍ର ଶ୍ରୀ ଅଶ୍ୱିନୀ କୁମାର ପ୍ରଧାନ କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଇଞ୍ଜିନିୟରିଙ୍ଗ୍ ରେ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ ରୁ ପି ଏଚ୍ ଡି ଶେଷ କରିଛନ୍ତି। ତାଙ୍କର ଗବେଷଣାତ୍ମକ ବିଷୟବସ୍ତୁ ' Design and development of medical image classification models exploring the capabilities of soft and nature inspired learning strategies" ଥିଲା। ପ୍ରଫେସର କାବେରୀ ଦାସ ଓ ପ୍ରଫେସର ଦେବା ହୁତି ମିଶ୍ର ଙ୍କ ତତ୍ତ୍ୱାବଧାନରେ ତାଙ୍କର ଗବେଷଣା କାର୍ଯ୍ୟ ସମାପ୍ତ ହୋଇଛି। ବର୍ତ୍ତମାନ ସେ ଦିଲ୍ଲୀର ଗାଲ ଗୋଟିଆ ବିଶ୍ୱବିଦ୍ୟାଳୟ ରେ ଆସିଷ୍ଟାଣ୍ଟ ପ୍ରଫେସର ଭାବେ କାର୍ଯ୍ୟରତ ଅଛନ୍ତି। ଶ୍ରୀ ପ୍ରଧାନ ଙ୍କ ପିଏଚ୍‌ଡ଼ି ଥେସିସର ମୂଲ୍ୟାଙ୍କନ [illegible] ବିଶ୍ୱ ଶାନ୍ତି ବିଶ୍ୱବିଦ୍ୟାଳୟ ର ପ୍ରଫେସର (ଡକ୍ଟର) ତରୁଣ ନାରାୟଣ ଶଙ୍କର ଏବଂ ଦୁବାଇ ର ଓଲୋଙ୍ଗ ବିଶ୍ୱବିଦ୍ୟାଳୟ ର ପ୍ରଫେସର (ଡକ୍ଟର) ଫର ହାଦ ଓରୁମ୍ ଚିଆନ୍ କରିଥିଲେ।ତାଙ୍କର ଉଲ୍ଲେଖନିୟ ଗବେଷଣା ପ୍ରୟାସ ର ଫଳସ୍ୱରୂପ ଏସ୍ ସି ଆଇ ଇ ପତ୍ରିକାରେ ତିନୋଟି ପ୍ରକାଶନ, ସ୍କ ?ପୁସ ପତ୍ରିକାରେ ଦୁଇଟି, ଦୁଇଟି ସମ୍ମିଳନୀ ପ୍ରକ୍ରିୟା ଏବଂ ଗୋଟିଏ ପୁସ୍ତକ ଅଧ୍ୟାୟ ପ୍ରକାଶିତ ହୋଇଛି।ସେ ୨୦୧୯ ମସିହାରେ ୟୁଜିସି ନେଟ ମଧ ପାସ କରିଛନ୍ତି। ଏହି ଉଲ୍ଲେଖ ନିୟ ସଫଳତା ତାଙ୍କର ଅବଦାନ ର ଗଭୀରତା କୁ ପ୍ରତିଫଳିତ କରୁଛି। ଏକ ସାକ୍ଷାତକାର ରେ ଡକ୍ଟର ଅଶ୍ୱିନୀ ତାଙ୍କର ପରିବାର ତରଫରୁ ମିଳିଥିବା ସହଯୋଗ ପାଇଁ କୃତଜ୍ଞତା ଜଣାଇଛନ୍ତି। ଆହୁରି ମଧ କହିଛନ୍ତି ଯେ, ମୋର ଅଭିଳାଷ ହେଉଛି, ବିଶ୍ୱବିଦ୍ୟାଳୟ ରେ ଅଧ୍ୟାପକ ଭାବେ କାର୍ଯ୍ୟ କରି ସମାଜ କୁ ଉଚ୍ଚଶିକ୍ଷିତ କରିବା। ଦୃଢ଼ ଇଚ୍ଛାଶକ୍ତି ଥିଲେ, ସମସ୍ତ ଲକ୍ଷ୍ୟ ହାସଲ କରିହୁଏ। ସର୍ବଶେଷରେ ଏହି ସଫଳତା ପାଇଁ ଡକ୍ଟର ଅଶ୍ୱିନୀ ତାଙ୍କର ପିତା, ମାତା, ସୁପରଭାଇଜର,ପତ୍ନୀ ପ୍ରତ୍ୟୁଷା, ଝିଅ ଗୁଡ୍ଡୁ, ଭାଇ ଅଜିତ ଓ ଅମର, ସମସ୍ତ ଶିକ୍ଷକ, ବନ୍ଧୁ ବାନ୍ଧବ,ଓ ସର୍ବୋପରି ଜଗତର ନାଥ ଜଗନ୍ନାଥ ଙ୍କୁ କୃତଜ୍ଞତା ଅର୍ପଣ କରିଛନ୍ତି।



# ୱାର୍ଲ୍ଡ୍ ଓଡ଼ିଶା ସୋସାଇଟି ପକ୍ଷରୁ ସୂର୍ଯ୍ୟ ପାତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ

ନୂଆଦିଲ୍ଲୀ/ଭୁବନେଶ୍ୱର, ୬।୯(ପି.ଏନ): ୱାର୍ଲ୍ଡ୍ ଓଡ଼ିଶା ସୋସାଇଟି(ୱାଓସୋ) ପକ୍ଷରୁ ଏହାର ମୁଖ୍ୟ ପୃଷ୍ଠପୋଷକ ତଥା ଓଡ଼ିଶା ବିଧାନସଭାର ପୂର୍ବତନ ବାଚସ୍ପତି ଡଃ ସୂର୍ଯ୍ୟ ନାରାୟଣ ପାତ୍ରଙ୍କୁ ଭବ୍ୟ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଛି। ଏହି ଉପଲକ୍ଷେ ଆଭାସି ମଞ୍ଚରେ ଆୟୋଜିତ ଏକ ଶୋକ ସଭାରେ ଯୋଗଦେଇ ପ୍ରବାସୀ ଓଡ଼ିଆ ନେତୃବର୍ଗମାନେ, ଡଃ ପାତ୍ରଙ୍କର ନିଧନରେ ବିଶ୍ୱଭରି ଓଡ଼ିଆ ସମ୍ପ୍ରଦାୟ ଗଭୀର ଭାବେ ମର୍ମାହତ ହୋଇଥିବା ପ୍ରକାଶ କରିଥିଲେ। ଓଡ଼ିଶାର କଳା, ସଂସ୍କୃତି ଏବଂ ଐତିହ୍ୟକୁ ସାରା ଦୁନିଆରେ ପ୍ରଚାର ପ୍ରସାର କରିବାରେ ଡଃ ପାତ୍ରଙ୍କର ବଳିଷ୍ଠ ଯୋଗଦାନ ରହିଥିବାକୁ ସ୍ମରଣ କରି ବିଶିଷ୍ଟ ବକ୍ତାମାନେ ତାଙ୍କର ସ୍ମୃତି ପ୍ରତି ଉଚ୍ଛ୍ୱସିତ ଶ୍ରଦ୍ଧା ନିବେଦନ କରିଥିଲେ। ଡଃ ପାତ୍ରଙ୍କର ବିୟୋଗ ସମ୍ବାଦ ସାରା ପୃଥିବୀର ୱାଓସୋର ସଦସ୍ୟ ଓ ଶୁଭେଚ୍ଛୁମାନଙ୍କୁ ଦାରୁଣ ଦୁଃଖ ଦେଇଥିବା ସେମାନେ ଅବତାରଣା କରିଥିଲେ। ଆଭାସୀ ସମାବେଶକୁ ସମ୍ବୋଧନ କରି ୱାର୍ଲ୍ଡ୍ ଓଡ଼ିଶା ସୋସାଇଟିର ଅଧ୍ୟକ୍ଷ କିଶୋର ଦ୍ୱିବେଦୀ, ଡଃ ସୂର୍ଯ୍ୟ ନାରାୟଣ ପାତ୍ର ୱାଓସୋ ପାଇଁ ପିତୃପ୍ରତିମ ଥିଲେ ବୋଲି ଉଲ୍ଲେଖ କରିଥିଲେ। ଏହି ବୈଶ୍ୱିକ ସଂସ୍ଥାର ପ୍ରତିଷ୍ଠା ଏବଂ ଏହାର ପରିବର୍ଦ୍ଧନ କ୍ଷେତ୍ରରେ ଡଃ ପାତ୍ରଙ୍କର ବ୍ୟାପକ ଯୋଗଦାନ ରହିଥିବା ଶ୍ରୀ ଦ୍ୱିବେଦୀ ସୂଚାଇ ଥିଲେ। ୱାଓସୋର ଇତିହାସରେ ଡଃ ପାତ୍ରଙ୍କ ନାମ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ ବୋଲି ଶ୍ରୀ ଦ୍ୱିବେଦୀ ଦର୍ଶାଇଥିଲେ। ବୈଠକରେ ଆବୁଧାବିରେ ଅବସ୍ଥାପିତ ୱାଓସୋର ପ୍ରେସିଡିୟମ ସଦସ୍ୟ ପ୍ରଦୀପ କୁମାର ରଥ ଆଗତ କରିଥିବା ଏକ ଶୋକ ପ୍ରସ୍ତାବ ପାରିତ ହୋଇଥିଲା। ଏହି ପ୍ରସ୍ତାବରେ ଡଃ ପାତ୍ର ପୃଥିବୀ ସାରା ପ୍ରବାସୀ ଓଡ଼ିଆ ମାନଙ୍କର ଜଣେ ଘନିଷ୍ଠ ଶୁଭଚିନ୍ତକ ଓ ବରିଷ୍ଠ ମୁରବୀ ସଦୃଶ ଥିଲେ ବୋଲି ଦର୍ଶାଯାଇ ତାଙ୍କର ପରଲୋକରେ ଏନଆରଓ ମହଲରେ ଏକ ଅପୂରଣୀୟ ଶୂନ୍ୟତା ସୃଷ୍ଟି ହୋଇଥିବା ଉଲ୍ଲେଖ କରାଯାଇଛି। ଡଃ ପାତ୍ର ଓଡ଼ିଶାର ଆକାଶରେ ଜଣେ ଉଜ୍ଜ୍ୱଳ ତାରକା ଥିଲେ ବୋଲି ଉଲ୍ଲେଖ କରି ୱାଓସୋର ପ୍ରତିଷ୍ଠାତ୍ରୀ ଡଃ ଅରୁନ୍ଧତୀ ଦେବୀ, ତାଙ୍କର ପ୍ରସ୍ଥାନରେ ଏହି ତାରକା ଅସ୍ତମିତ ହୋଇଯାଇଥିବା ସୂଚାଇଥିଲେ। ୱାଓସୋ ର ଗଠନ ସମୟରେ କରୋନା ସଙ୍କଟକୁ ଭ୍ରୂକ୍ଷେପ ନକରି ଏହାର ପ୍ରଥମ ସଦସ୍ୟ ଡଃ ପାତ୍ର ଯେଭଳି ଆଯାଚିତ ସାହାଯ୍ୟ ଓ ଅକୁଣ୍ଠ ସହଯୋଗ ଯୋଗାଇ ଦେଇଥିଲେ, ସେଥିପାଇଁ ଏହି ସଂସ୍ଥା ଚୀରକାଳ ପାଇଁ ତାଙ୍କ ନିକଟରେ କୃତଜ୍ଞ ହୋଇ ରହିବ ବୋଲି ଡଃ ଦେବୀ କହିଥିଲେ। ବିଶ୍ୱର କୋଣ ଅନୁକୋଣରୁ ଡିଜିଟାଲ ଜରିଆରେ ଏହି ଶୋକସଭାରେ ଯୋଗ ଦେଇଥିବା ଏବଂ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିବା ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କ ମଧ୍ୟରେ ଧୀରେନ୍ଦ୍ର କର, କୃପାନିଧି ବିଶ୍ୱାଳ, ସୁଧୀର କୁମାର ଦାଶ, ଶିବ ରଞ୍ଜନ ବିଶ୍ୱାଳ, ଅକ୍ଷୟ ମହାନ୍ତି, ଦେବେନ୍ଦ୍ର ମାଝୀ, ଜୀତେନ୍ଦ୍ର କୁମାର ନାୟକ, ଡଃ ବଦ୍ରି ମହାପାତ୍ର, ଡଃ ଚିଦାତ୍ମିକା ଖଟୁଆ, ଡଃ ରବି ନାରାୟଣ ବେହେରା, ଡଃ ସୀତାଂଶୁ ଶେଖର ନନ୍ଦ, ଉମାକାନ୍ତ ଜେନା, ପୀତାମ୍ବର ବାରିକ, ରୀତା ପାତ୍ର, କାବେରୀ ବେହେରା, ସତ୍ୟ ମହାନ୍ତି, ବିଶ୍ୱ ରଞ୍ଜନ ସାହୁ, ଜ୍ଞାନ ପ୍ରକାଶ ଜେନା ଓ ନନ୍ଦନ ଦ୍ୱିବେଦୀ ପ୍ରମୁଖ ଅନ୍ତର୍ଭୁକ୍ତ ଥିଲେ। ଶେଷରେ ୱାଓସୋର ବ୍ୟଞ୍ଜନ ବିଭାଗର ସହ ସାଧାରଣ ସମ୍ପାଦକ ପୁଷ୍ପାଞ୍ଜଳି ବାରିକ, ଡଃ ପାତ୍ରଙ୍କର ଅମର ଆତ୍ମା ପ୍ରତି ସାଙ୍ଗୀତିକ ଶ୍ରଦ୍ଧାଞ୍ଜଳି ଅର୍ପଣ କରି କେତେକ ସୁମଧୁର ଓ ସୁଲଳିତ ଭକ୍ତି ସଙ୍ଗୀତ ପରିବେଷଣ କରିଥିଲେ।




# ରାଜ୍ୟ ସରକାରଙ୍କ ବେଦାନ୍ତ ପ୍ରୀତି ଓ ବେଆଇନ ଜମି ଅଧିଗ୍ରହଣର ଗୁମର ୯ରେ ଖୋଲିବ

ପୁରୀ,୬।୯(ପି.ଏନ):ବେଦାନ୍ତ ସିଦ୍ଧାନ୍ତ'' ସ୍ଲୋଗାନ ଦେଇ ୨୦୦୬ ମସିହାରେ ରାଜ୍ୟର ବିଜେଡ଼ି ବିଜେପି ମେଣ୍ଟ ସରକାର ପୁରୀ- କୋଣାର୍କ ବେଳାଭୂମି ମାର୍ଗ ସ୍ଥିତ ବାଇଶମୌଜା ଅଞ୍ଚଳରୁ ଶାଗମାଛ ଦରରେ ହଜାର ହଜାର ଏକର ଚାଷଜମି ଓ ଶ୍ରୀଜଗନ୍ନାଥଙ୍କ ଅମୃତ ମଣୋହୀ ଚାଷଜମି ବେଆଇନ ଭାବେ ଅଧିଗ୍ରହଣ କରିଥିଲା । ଶିକ୍ଷାଦିକ୍ଷା ହୀନ ଗରିବ ଚାଷୀମାନେ କିଛି ବୁଝିବା ପୂର୍ବରୁ ତତ୍‌କାଳୀନ ସରକାର ଅର୍ଥବଳ, ବାହୁବଳ ଓ ପ୍ରଶାସନିକ କଳର ଅପପ୍ରୟୋଗ କରି ବିସ୍ତୀର୍ଣ୍ଣ ଚାଷଜମି ସହ ଦୁଇ ଦୁଇଟି ନଦୀ ଅଧିଗ୍ରହଣ କରି ନେଇଥିଲେ । ବିଳମ୍ବରେ ହେଲେବି ପରବର୍ତ୍ତୀ ସମୟରେ କ୍ଷତିଗ୍ରସ୍ତ ଚାଷୀମାନେ ସଙ୍ଘବଦ୍ଧ ଭାବେ ବେଦାନ୍ତ ବିଶ୍ୱବିଦ୍ୟାଳୟ ବିରୋଧୀ ସଂଘର୍ଷ ସମିତି ଗଠନ କରି ଏହି ବେଆଇନ ଜମି ଅଧିଗ୍ରହଣ ନେଇ ୨୦୧୦ ମସିହାରେ ଲୋକପାଳଙ୍କ ଦ୍ୱାରସ୍ଥ ହୋଇଥିଲେ । ଏହି ମାମଲାର ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ କରିବା ସହ ବିପୁଳ ପରିମାଣ ଜମି ଅଧିଗ୍ରହଣ ଓ କମ୍ପାନୀ ସହ ହୋଇଥିବା ବୁଝାମଣା ପତ୍ରରେ ଅନିୟମିତତା ଓ ଏକତରଫା ସର୍ତ୍ତର ପୁନଃ ଅନୁଧ୍ୟାନ ପାଇଁ ଆଦେଶ ଦେଇଥିଲେ । ରାଜ୍ୟ ସରକାର ଓ ବେଦାନ୍ତ କର୍ତ୍ତୃପକ୍ଷ ଲୋକପାଳଙ୍କ ଏହି କାଳକ୍ଷେପଣ ଆଦେଶକୁ ଏଡାଇ ତ୍ୱରିତ୍ ନିଜ ସପକ୍ଷରେ ରାୟ ଆଶା କରି ଓଡ଼ିଶା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ମାତ୍ର ବିଶ୍ୱ ବିଦ୍ୟାଳୟର ଆଳ ଦେଖାଇ ବେଦାନ୍ତ କମ୍ପାନୀ ୧୦ ହଜାରରୁ ଉର୍ଦ୍ଧ୍ୱ ଏକର ଜମି ହାତେଇବା ଓ ତତ୍‌କାଳୀନ ମେଣ୍ଟ ସରକାର ଅତି ତରବରିଆ ଭାବେ ନେଉଥିବା ନିଷ୍ପତ୍ତିକୁ ଅନୁଧ୍ୟାନ କରି ଶେଷରେ ଏହା ବେଆଇନ ଜମି ଅଧିଗ୍ରହଣ ବୋଲି ମାନ୍ୟବର ହାଇକୋର୍ଟ ରାୟ ଦେଇଥିଲେ । ମାତ୍ର କେଉଁ କାରଣ ପାଇଁ ଲୋକପାଳ ଓ ହାଇକୋର୍ଟରେ ଏହି ଜମି ଅଧିଗ୍ରହଣ ବେଆଇନ ଘୋଷିତ ହେଲା ରାଜ୍ୟ ସରକାର ତାହା ଅନୁଧ୍ୟାନ ନକରି କମ୍ପାନୀ ପ୍ରିତୀରେ ଅନ୍ଧ ହୋଇ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ମଧ ହୋଇଥିଲେ । ମାନ୍ୟବର ସୁପ୍ରିମକୋର୍ଟରେ ଏହି ମାମଲାର ତର୍ଜମା ହେବା ସମୟରେ ବେଦାନ୍ତ କମ୍ପାନୀର ଅସଲ ପରିଚୟ , ସମ୍ବିଧାନର କେଉଁ ଅଧିନିୟମରେ ଏହା କମ୍ପାନୀ ଭାବେ ପଞ୍ଜିକରଣ ହୋଇଛି, ପରିବାରର ୪ଜଣ ସଦସ୍ୟଙ୍କୁ ନେଇ ଅନୀଲ ଅଗ୍ରୱାଲ ନାମକ ବ୍ୟକ୍ତି ''ଅନୀଲ ଅଗ୍ରୱାଲ ଫାଉଣ୍ଡେସନ'' ନାମକ ସଂସ୍ଥା ତତ୍‌କାଳୀନ ମେଣ୍ଟ ସରକାରକୁ କିଭଳି ବଶୀକରଣ କରି ଏତେ ଚାଷଜମି ଅଧିଗ୍ରହଣ କରିପାରିଲା ସେନେଇ ସମସ୍ତ ତଥ୍ୟ ଅନୁଧ୍ୟାନ ଓ ମାମଲାର ଶୁଣାଣି କରି ଓଡ଼ିଶାର ନବୀନ ସରକାରକୁ ଭର୍ତ୍ସନା କରିବା ଜାଲିଆତିରେ ଚାଷଜମି ଅଧିଗ୍ରହଣ କରିଥିବାରୁ ଅନୀଲ ଅଗ୍ରୱାଲ ଫାଉଣ୍ଡେସନକୁ ୫ଲକ୍ଷ ଟଙ୍କା ଜରିମାନା କରିଛନ୍ତି । ମାନ୍ୟବର ସୁପ୍ରିମକୋର୍ଟ ଏହି ମାମଲାର ଶୁଣାଣି ସମୟରେ ରାଜ୍ୟ ସରକାରଙ୍କ ମାତ୍ରାଧିକ ପକ୍ଷପାତିତା, ଜମି ଅଧିଗ୍ରହଣ ପାଇଁ କମ୍ପାନୀର ଆବେଦନକୁ ଭଲ ଭାବେ ଅନୁଧ୍ୟାନ ନକରିବା, ଲୋକଙ୍କ ସର୍ବନିମ୍ନ ଆବଶ୍ୟକତାକୁ ଗୁରୁତ୍ୱ ଦେଇନଥିବା ଭଳି ବହୁ ତ୍ରୁଟି ଓ ମିଥ୍ୟା କାଗଜାତ୍ ଦେଇ ଅନୀଲ ଅଗ୍ରୱାଲ ଫାଉଣ୍ଡେସନର ସମସ୍ତ କଳା କାରନାମାକୁ ସମ୍ପୂର୍ଣ୍ଣ ଉଲଗ୍ନ କରିଥିବା ୧୦୫ ପୃଷ୍ଠାରେ ଦେଇଥିବା ରାୟରେ ଉଲ୍ଲେଖ ରହିଛି । ଏହି ବେଆଇନ ଜମି ଅଧିଗ୍ରହଣ ପରେ ମାନସିକ ସ୍ତରରେ ସମ୍ପୂର୍ଣ୍ଣ ଦୁର୍ବଳ ହୋଇଯାଇଥିବା ବାଇଶ ମୌଜା ଲୋକଙ୍କୁ ସ୍ୱାନ୍ତନା ଦେବାସହ ନ୍ୟାୟ ପାଇଁ ଗଠିତ ବେଦାନ୍ତ ବିଶ୍ୱବିଦ୍ୟାଳୟ ବିରୋଧୀ ସଂଘର୍ଷ ସମିତିର ନେତୃତ୍ୱ ନେଇଥିଲେ ବେଲଦଳର ବର୍ଷିଆନ ଚାଷୀ ନେତା ବେଣୁଧର ପ୍ରଧାନ। ରାଜ୍ୟ ସରକାରଙ୍କ ଏଭଳି ବେଆଇନ ଚାଷଜମି ଅଧିଗ୍ରହଣକୁ ବିଭିନ୍ନ ମହଲରେ ତୀବ୍ର ବିରୋଧ ହେବା ପରେ ଏଥିରେ ସମର୍ଥନର ହାତ ବଢ଼ାଇଥିଲେ ପୁରୀର ଟାଣୁଆ ନେତା ପୂର୍ବତନ ବିଧାୟକ ଉମାବଲ୍ଲଭ ରଥ । ଏହା ପରେ ପରେ ବେଦାନ୍ତ ବିଶ୍ୱବିଦ୍ୟାଳୟ ବିରୋଧୀ ସଂଘର୍ଷ ସମିତି ବେଶ୍ ଶକ୍ତିଶାଳୀ ହୋଇ ଉଠିଥିଲା। ସମିତିର ସଭାପତି ଦାମୋଦର ପ୍ରଧାନଙ୍କ ନେତୃତ୍ୱରେ ସଂଯୋଜକ ବରିଷ୍ଠ ନେତା ବିଷ୍ଣୁ ପ୍ରସାଦ ମିଶ୍ର, ଉପସଭାପତି ମଧୁସୂଦନ ରାଉତରାୟ, ସମ୍ପାଦକ ପ୍ରଭାକର ସ୍ୱାଇଁଙ୍କ ସହ ଆବାହକ ପୂର୍ବତନ ବିଧାୟକ ଉମାବଲ୍ଲଭ ରଥଙ୍କ ନୀରବଚ୍ଛିନ୍ନ ଅକ୍ଳାନ୍ତ ପରିଶ୍ରମ ଓ ଶ୍ରୀଜଗନ୍ନାଥଙ୍କ ଅପାର କରୁଣାରୁ ଶେଷରେ ମାନ୍ୟବର ସୁପ୍ରିମକୋର୍ଟରେ ରାଜ୍ୟ ସରକାର ଓ ଅନୀଲ ଅଗ୍ରୱାଲ ଫାଉଣ୍ଡେସନର ଅଧିଗ୍ରହଣ ଚାଷଜମି ବେଆଇନ ଘୋଷଣା ସମଗ୍ର ବାଇଶମୌଜା ଅଞ୍ଚଳରେ ଖୁସିର ଲହଡ଼ି ଖେଳିଯାଇଛି । ମାନ୍ୟବର ସୁପ୍ରିମକୋର୍ଟରେ ଏହି ବେଆଇନ ଜମି ଅଧିଗ୍ରହଣ ମାମଲାକୁ ବେଦାନ୍ତ ବିଶ୍ୱବିଦ୍ୟାଳୟ ବିରୋଧୀ ସଂଘର୍ଷ ସମିତି ପକ୍ଷରୁ ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣ ବିନା ପାରିଶ୍ରମିକରେ ପରିଚାଳନା କରିଥିବାରୁ ସମିତି ଓ ବିସ୍ଥାପିତ ଆଶଙ୍କାରେ ଥିବା ଲୋକେ ଆନ୍ତରିକ କୃତଜ୍ଞତା ଜଣାଇଛନ୍ତି। ସେହିପରି ଏହି ବେଆଇନ ଜମି ଅଧିଗ୍ରହଣକୁ ଦୃଢ଼ ବିରୋଧକରି ବେଦାନ୍ତ ବିଶ୍ୱବିଦ୍ୟାଳୟ ବିରୋଧୀ ସଂଘର୍ଷ ସମିତିକୁ ପୂର୍ଣ୍ଣ ସମର୍ଥନ କରିଥିବା ନର୍ମଦା ବଞ୍ଚାଅ ଅଭିଯାନର ଜନନେତ୍ରୀ ମେଧା ପାଟେକରଙ୍କୁ ମଧ କୃତଜ୍ଞତା ଜଣାଇଛନ୍ତି । ମାନ୍ୟବର ସୁପ୍ରିମକୋର୍ଟରେ ରାଜ୍ୟ ସରକାର ଓ ଅନୀଲ ଅଗ୍ରୱାଲ ଫାଉଣ୍ଡେସନର ଏହି ବେଆଇନ ଜମି ଅଧିଗ୍ରହଣକୁ ନେଇ ଦେଇଥିବା ଐତିହାସିକ ରାୟକୁ ନେଇ ଆଗାମୀ ୯ ତାରିଖରେ ବେଲଦଳ ଠାରେ ବିଶାଳ କୃଷକ ବିଜୟ ସମାବେଶ ହେବ। ଏହି ସମାବେଶରେ ଆଇନଜୀବୀ ପ୍ରଶାନ୍ତ ଭୂଷଣ ଓ ଜନନେତ୍ରୀ ମେଧା ପାଟେକରଙ୍କୁ ସମିତି ପକ୍ଷରୁ କୃତଜ୍ଞତାର ସହ ସମ୍ବର୍ଦ୍ଧନା ଜ୍ଞାପନ କରାଯିବ । ଶ୍ରୀ ଭୂଷଣ ନିଜ ଅଭିଭାଷଣରେ ଏହି ବେଆଇନ ଜମି ଅଧିଗ୍ରହଣର ବିଭିନ୍ନ ଅନାଲୋଚିତ ଦିଗରୁ ପରଦା ଉଠାଇବା ସହ ଚାଷଜମି ସୁରକ୍ଷା ନେଇ ଆଇନଗତ ସୂଚନା ଦେବାର ମଧ କାର୍ଯ୍ୟକ୍ରମ ରହିଛି । ଏହି ଅବସରରେ ଆଜି ପୁରୀ ରାମ ମନ୍ଦିର ନିକଟ ସମିତିର ଆବାହକ ତଥା ମୁଖ୍ୟ ପୁରୋଧା ପୂର୍ବତନ ବିଧାୟକ ଉମାବଲ୍ଲଭ ରଥଙ୍କ ବାସ ଭବନରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଶ୍ରୀ ରଥ ରାଜ୍ୟ ସରକାରଙ୍କ ବେଦାନ୍ତ ପ୍ରୀତି ଓ ବେଆଇନ ଚାଷଜମି ଅଧିଗ୍ରହଣକୁ ତୀବ୍ର ସମାଲୋଚନା କରିଛନ୍ତି । ରାଜନୈତିକ ନେତାମାନେ ପଦ ପଦବୀର ମୋହ ଓ ନିଜ ସ୍ୱାର୍ଥ ଦେଖିବା ବଦଳରେ ଲୋକଙ୍କ ସମସ୍ୟା ସମାଧାନ କରି ସୁସ୍ଥ ସମାଜ ଗଠନ ଦିଗରେ ଆଗେଇ ଆସିବା ଉଚିତ୍ । ମାତ୍ର ବାଇଶମୌଜା ଅଞ୍ଚଳର ଚାଷଜମି ହଡ଼ପ କରିବା କ୍ଷେତ୍ରରେ ବେଦାନ୍ତ ଭଳି ଜାଲିଆତି କମ୍ପାନୀକୁ ଅହେତୁକ ଅନୁକମ୍ପାରେ ଏହି ବେଆଇନ ଜମି ଅଧିଗ୍ରହଣକୁ ଦୃଢ଼ ନିନ୍ଦା କରିଛନ୍ତି । ଏହି ବେଆଇନ ଚାଷଜମି ଅଧିଗ୍ରହଣ କେଳେଙ୍କାରୀରେ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତ ତଥା ନେତାଠୁ ନେଇ ପ୍ରଶାସନିକ ଅଧିକାରୀ ପର୍ଯ୍ୟନ୍ତ ସମସ୍ତଙ୍କୁ ସୁସ୍ଥ ନ୍ୟାୟପାଳିକା ବ୍ୟବସ୍ଥା ଅନୁଯାୟୀ ଦଣ୍ଡବିଧାନ କରାଯିବା ଆବଶ୍ୟକ ବୋଲି ମଧ ଦାବି କରିଛନ୍ତି । ଏଥିସହ ଦୀର୍ଘ ଦିନ ଧରି ମାନସିକ ନିର୍ଯାତନା ଭୋଗି ଆସୁଥିବା ଜମିହରା ପ୍ରଜା ମାନଙ୍କୁ ଉଚିତ୍ କ୍ଷତିପୂରଣ ସହ ନ୍ୟାୟ ଦେବାପାଇଁ ଗଣମାଧ୍ୟମକୁ କହିଛନ୍ତି ।

## ଲିଭ୍ ଇନରେ ରହିବାକୁ ମିଳିଗଲା ସ୍ୱୀକୃତି, ଧର୍ମ ଅଲଗା ହୋଇଥିଲେ ବି କେହି ବାଧା ସୃଷ୍ଟି କଲେ ପୋଲିସ ଦେବ ସୁରକ୍ଷା



ନୂଆଦିଲ୍ଲୀ,୬।୯(ପି.ଏନ): ଆହ୍ଲାବାଦ ହାଇକୋର୍ଟ ଏକ ନିକଟରେ ଏକ ଚର୍ଚ୍ଚିତ ରାୟ ଶୁଣାଇଛନ୍ତି । କୋର୍ଟ କହିଛନ୍ତି ପିଲା କୌଣସି ପାର୍ଟନରଙ୍କ ସହ ଲିଭ୍ ଇନ ରିଲେସନସିପ୍ ରେ ରହିଲେ ପିତାମାତା ସେଥିରେ ହସ୍ତକ୍ଷେପ କରିପାରିବେ ନାହିଁ । ଏପରିକି ପାର୍ଟନରର ଅଲଗା ଧର୍ମର ହୋଇଥିଲେ ବି ପିତାମାତା ପିଲାକୁ ବାରଣ କରିପାରିବବେ ନାହିଁ । ଏହା ସହିତ ଲିଭ୍ ଇନ ରିଲେସନରେ ରହୁଥିବା ଅଲଗା ଅଲଗା ଧର୍ମର ଯୋଡିଙ୍କୁ ଯଦି କୌଣସି ସୂତ୍ରରୁ ଧମକ ମିଳେ ତେବେ ପୋଲିସ ଏ କ୍ଷେତ୍ରରେ ସେମାନଙ୍କୁ ସୁରକ୍ଷା ଯୋଗାଇଦେବ ବୋଲି କୋର୍ଟ ଆଦେଶ ଦେଇଛନ୍ତି ।ଏହି ସଂପର୍କିତ ଏମ ମାମଲା ଉପରେ ଶୁଣାଣୀ କରୁଥିବା ବିଚାରପତି ସୁରେନ୍ଦ୍ର ସିଂଙ୍କ ପୀଠ କହିଛି, ମାମଲାର ତଥ୍ୟ ଓ ପରିସ୍ଥିତି ଏବଂ ସୁପ୍ରିମକୋର୍ଟଙ୍କ ଦ୍ୱାରା ନିର୍ଦ୍ଧାରିତ ଆଇନକୁ ଧ୍ୟାନରେ ରଖି ଏହି କୋର୍ଟର ରାୟ ହେଉଛି ଯାଚିକା କର୍ତ୍ତା ଏକ ସଙ୍ଗେ ରହିବାର ଅଧିକାର ରହିଛି ଓ ସେମାନଙ୍କ ମାତାପତା କିମ୍ବା ଅନ୍ୟ କୌଣସି ବ୍ୟକ୍ତି ସେମାନଙ୍କ ଶାନ୍ତିପୂର୍ଣ୍ଣ ଲିଭ ଇନ ରିଲେସନରେ ହସ୍ତକ୍ଷେପ କରିପାରିବେ ନାହିଁ । ଯଦି ଯାଚିକାକର୍ତ୍ତାଙ୍କ ଶାନ୍ତିପୂର୍ଣ୍ଣ ଜୀବନରେ କେହି ହସ୍ତକ୍ଷେପ କରିବ ତେବେ ସେ କୋର୍ଟର ଏହି ଆଦେଶର ଏକ ପ୍ରତିଲିପି ସହିତ ସମ୍ବନ୍ଧିତ ପୋଲିସ ଅଧୀକ୍ଷକଙ୍କ ନିକଟରେ ଏ ବିଷୟରେ ଅଭିଯୋଗ କରିପାରିବେ ଓ ପୋଲିସ ଏ କ୍ଷେତ୍ରରେ ତାଙ୍କୁ ତତ୍କାଳ ସୁରକ୍ଷା ଯୋଗାଇ ଦେବାକୁ ବାଧ ହେବେ ।ଏହି ମାମଲାରେ ଜଣେ ସାବାଳିକା ଯାଚିକାକର୍ତ୍ତା ଏହି ଆଧାରରେ ସୁରକ୍ଷା ଲାଗି କୋର୍ଟର ଦ୍ୱାରସ୍ଥ ହୋଇଥିଲେ । ସେ ଅଭିଯୋଗ କରିଥିଲେ ତାଙ୍କ ମା'ଙ୍କ ସହିତ ତାଙ୍କର ଅନ୍ୟ ସଂପର୍କୀୟମାନେ ପାର୍ଟନରର ସହିତ ତାଙ୍କ ସଂପର୍କକୁ ବିରୋଧ କରୁଛନ୍ତି ଓ ତାଙ୍କୁ ଶାନ୍ତିପୂର୍ଣ୍ଣ ଭାବରେ ଜୀବନ ଜୀଇଁବାକୁ ଦେଉନାହାନ୍ତି । ଯାଚିକାକର୍ତ୍ତାଙ୍କ ମା' ତାଙ୍କୁ ଧମକ ଦେଇଥିବାରୁ ସେ ଅନରକିଲିଂର ଆଶଙ୍କା କରି ଭୟଭୀତ ହୋଇପଡିଛନ୍ତି ବୋଲି ଅଭିଯୋଗ କରିଥିଲେ ।








# ଟି ଟାଇମ୍

## ଭୂତଙ୍କ ମେଳା

ମେଳା ତ ଅନେକ ରହିଥାଏ। ମେଳାକୁ ଆକର୍ଷଣୀୟ କରିବା ପାଇଁ କେତେକ ସ୍ଥାନରେ ଗୋରୁଗାଈ ତ ଆଉ କେଉଁଠି କଣ୍ଢେଇ, ଖେଳନାମାନ ବିକ୍ରି କରାଯାଇଥାଏ। ହେଲେ ଭୂତମାନଙ୍କୁ ନେଇ କେବେ କୌଣସି ମେଳା ହେଉଥିବା ବିଷୟରେ ଶୁଣିଛନ୍ତି। କିନ୍ତୁ ଏପରି ଏକ ମେଳା ମିର୍ଜାପୁରର କୋହରୋରାର ବରହି ଗ୍ରାମରେ ବେଚୁବୀର ବାବାଙ୍କ ସମାଧି ଉପରେ ହୋଇଥାଏ। ଏହି ମେଳାରେ ଭୂତ, ପ୍ରେତ ଏବଂ ଡାହାଣୀମାନଙ୍କର ମେଳା ହୋଇଥାଏ। ଅନ୍ଧବିଶ୍ୱାସ ସହିତ ଜଡ଼ିତ ଏହି ମେଳାରେ ଭୂତ-ପ୍ରେତଙ୍କ ପ୍ରକୋପରୁ ଲୋକମାନଙ୍କୁ ମୁକ୍ତି ଦିଆଯାଇଥାଏ। ଅନ୍ଧବିଶ୍ୱାସର ଏ ସମସ୍ତ ଖେଳ ସ୍ଥାନୀୟ ପୋଲିସ କର୍ମଚାରୀମାନଙ୍କ ସାମ୍ନାରେ ହୋଇଥାଏ। ଏହି ମେଳା ୩୫୦ବର୍ଷରୁ ହୋଇଆସିଲାଣି। ଅନ୍ଧବିଶ୍ୱାସର ଏହି ମେଳାରେ ଅଭିଯୋଗ ନେଇ ମଣିଷମାନେ ଆସିଥାନ୍ତି। ଯଦି କୌଣସି ବ୍ୟକ୍ତିଙ୍କ ଉପରେ ଭୂତ କିମ୍ୱା ପ୍ରେତଙ୍କର ପ୍ରଭାବ ରହିଥାଏ ତେବେ ତାଙ୍କୁ ଏହି ସଂକଟରୁ କେବଳ ବେଚୁବିର ବାବା ହିଁ ମୁକ୍ତ କରିପାରିବେ। ଏଠାକୁ ଅନେକ ଦୂର ଦୂରାନ୍ତରୁ ଲୋକମାନେ ଚିକିତ୍ସା କରିବା ପାଇଁ ଆସିଥାନ୍ତି। ବେଚୁ ବାବାଙ୍କ ସମାଧିର ଦେଖାଶୁଣା ତାଙ୍କର ଏହି ଛଅ ବଶଂଜ କରିଥାନ୍ତି। ଏଠାରେ ଭୂତ-ପ୍ରେତଙ୍କ ବ୍ୟତୀତ ନିଃସନ୍ତାନ ଲୋକମାନେ ମଧ୍ୟ ଆସିଥାନ୍ତି।

## ୧୦୬୮ଟଙ୍କାର କିଟ୍‌କାଟ୍

ଯଦି ଆପଣ ଚକୋଲେଟ୍ ଖାଇବାର ସୌଖୀନ୍ ତେବେ ଆପଣଙ୍କ ପାଇଁ ଏକ ବଡ଼ ଖୁସି ଖବର। ପ୍ରସିଦ୍ଧ କମ୍ପାନୀ ନେସ୍‌ଲେ ଜାପାନରେ ଗୋଟିଏ ନୂଆ ପ୍ରଡ଼କ୍ଟ ଲଞ୍ଚ କରିଛନ୍ତି । ଏହି ପ୍ରଡ଼କ୍ଟ ହେଉଛି ଗୋଟିଏ ଚକୋଲେଟ୍। କିନ୍ତୁ ଏହା ଏକ ସାଧାରଣ ଚକୋଲେଟ୍ ନୁହେଁ। ସୁନାରେ ପ୍ରସ୍ତୁତ ଚକୋଲେଟ୍। ନେସ୍‌ଲେ ଏହି ଚକୋଲେଟ୍‌ର ଉତ୍ପାଦନ କମ୍ପାନୀର ଚକଲେଟ୍ରୀ ବୁଟିକ୍ ପାଇଁ କରିଛନ୍ତି । ଏହାକୁ ଖାଇବା ଯୋଗ୍ୟ କରିବା ପାଇଁ ସେଥିରେ ସୁନାରେ ପତଳା କୋର୍ଟ ଦିଆଯାଇଛି । ଏବେ ଚକୋଲେଟ୍‌କୁ ୱାନ୍ ଫିଙ୍ଗର କିଟ୍‌କାଟ୍ ଚକୋଲେଟ୍ ଆକାରରେ ଲଞ୍ଚ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ କମ୍ପାନୀ ଡିସେମ୍ବରର ଶେଷ ଆଡ଼କୁ ୫୦୦ ଚକୋଲେଟ୍‌କୁ ଜାପାନ୍‌ର ୮ଟି କିଟ୍‌କାଟ୍ ବୁଟିକ୍‌ରେ ବିକ୍ରି କରିବେ



। ସୁନାର ପରସ୍ତ ପଡ଼ିଥିବା ଏହି ଚକୋଲେଟ୍‌ର ଜାପାନ ମୂଲ୍ୟ ୨,୦୧୬ୟେନ୍(୧୬ଡଲାର) ଦାମରେ ବିକ୍ରି କରାଯିବ । ଯାହାର ଭାରତୀୟ ମୂଲ୍ୟ ୧.୦୬୮ଟଙ୍କା ହେବ । ଜାପାନରେ ନେସଲେ ୩୦ପ୍ରକାରର କିଟ୍‌କାଟ୍ ବିକ୍ରି କରିଥାଏ ।

## ଖରିଫ୍ ଧାନ ସଂଗ୍ରହ ପାଇଁ ଚାଷୀ ନାମପଂଜୀକରଣରେ ୧୩ ପ୍ରତିଶତ ବୃଦ୍ଧି

ଭୁବନେଶ୍ୱର,(ପିଏନ)-୨୦୨୦-୨୧ ଖରିଫ୍ ବିପଣନ ଋତୁରେ ମୂଲ୍ୟ ସହାୟକ ଯୋଜନାରେ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ଚାଷୀ ନାମ ପଂଜୀକରଣ ଗତବର୍ଷ ତୁଳନାରେ ଉଲ୍ଲେଖନୀୟ ୧୩ ପ୍ରତିଶତ ବୃଦ୍ଧି ପାଇଛି । ୨୦୨୦-୨୧ ଖରିଫ୍ ଧାନ ସଂଗ୍ରହ ପାଇଁ ଅଦ୍ୟାବଧି ମୋଟ ୧୪ ଲକ୍ଷ ୨ ହଜାର ୨୦୫ ଜଣ ଚାଷୀ ଅନ୍ ଲାଇନ୍ ଜରିଆରେ ସେମାନଙ୍କ ନାମ ପଂଜୀକରଣ କରିଛନ୍ତି। ଗତବର୍ଷ ୨୦୧୯-୨୦ ଖରିଫ୍ ଧାନ ନିମନ୍ତେ ୧୨ ଲକ୍ଷ ୩୫ ହଜାର ୯୦୮ ଜଣ ଚାଷୀ ନାମ ପଂଜୀକରଣ କରିଥିଲେ ।
କୋଭିଡ୍-୧୯ ସ୍ଥିତିରେ ସରକାରଙ୍କ ସମସ୍ତ ମାର୍ଗଦର୍ଶିକା ଓ ସାମାଜିକ ଦୂରତ୍ୱ ଅନୁପାଳନ କରି ବିଭାଗ ଦ୍ୱାରା ପ୍ୟାକ୍ସ ଓ ଲ୍ୟାମ୍ପସ୍ ମାଧ୍ୟମରେ ଚାଷୀ ନାମ ପଂଜୀକରଣ କାର୍ଯ୍ୟ ସୁରୁଖୁରୁରେ କରାଯାଇପାରିଛି ଏବଂ ଗତବର୍ଷ ତୁଳନାରେ ୧ ଲକ୍ଷ ୬୬ ହଜାର ୨୯୭ ଜଣ ଅଧିକ ଚାଷୀ ସେମାନଙ୍କ ଖରିଫ୍ ଧାନ ବିକିବା ନିମନ୍ତେ ନାମ ପଂଜୀକରଣ କରିଥିବାରୁ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସମସ୍ତ କୃଷକ ଭାଇ ଏବଂ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ସାଧୁବାଦ ଜଣାଇଛନ୍ତି। ରାଜ୍ୟର ୩୦ଟି ଜିଲ୍ଲାରେ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ୨୮୫୨ଟି ପ୍ୟାକ୍ସ ଜରିଆରେ ନାମ ପଂଜୀକରଣ କାର୍ଯ୍ୟ କରାଯାଉଛି। ୨୦୨୦-୨୧ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ରାଜ୍ୟର ପ୍ରାୟ ପ୍ରତିଟି ଜିଲ୍ଲାରେ ଗତବର୍ଷ ତୁଳନାରେ ନାମ ପଂଜୀକରଣ ସଂଖ୍ୟା ବୃଦ୍ଧି ପାଇଥିବାବେଳେ ନୂଆପଡ଼ା ଜିଲ୍ଲାରେ ଉଲ୍ଲେଖନୀୟ ୩୫ ପ୍ରତିଶତ ବୃଦ୍ଧିପାଇଛି। ଏତଦ୍ ବ୍ୟତୀତ ବଲାଙ୍ଗୀର ଓ ଯାଜପୁର ଜିଲ୍ଲାରେ ୨୯ ପ୍ରତିଶତ ବୃଦ୍ଧି ପାଇଥିବାବେଳେ ମୟୂରଭଞ୍ଜ ଜିଲ୍ଲାରେ ୨୮ ପ୍ରତିଶତ, ଝାରସୁଗୁଡ଼ାରେ ୨୩ ପ୍ରତିଶତ, ଦେବଗଡ଼ରେ ୨୨ ପ୍ରତିଶତ, ଭଦ୍ରଖରେ ୨୦ ପ୍ରତିଶତ, ଢେଙ୍କାନାଳରେ ୧୯ ପ୍ରତିଶତ, ଅନୁଗୋଳ, ଜଗତସିଂହପୁର ଓ କୋରାପୁଟରେ ୧୮ ପ୍ରତିଶତ ଲେଖାଏଁ ନାମ ପଂଜୀକରଣ ବୃଦ୍ଧି ପାଇଛି। ସେହିପରି କଟକ ଜିଲ୍ଲାରେ ଚାଷୀ ନାମ ପଂଜୀକରଣ ୧୭ ପ୍ରତିଶତ, ସମ୍ବଲପୁରରେ ୧୬ ପ୍ରତିଶତ, ବାଲେଶ୍ୱର ୧୫ ପ୍ରତିଶତ, ବରଗଡ଼ରେ ୧୫ ପ୍ରତିଶତ ଏବଂ ସୁନ୍ଦରଗଡ଼ରେ ୧୩ ପ୍ରତିଶତ ବୃଦ୍ଧି ପାଇଛି।

## ପୁରାଣ କାହାଣୀ

# ହଜିଯାଇଥିବା ଜିନିଷ ଖୋଜି ଆଣିବ ସୁଦର୍ଶନ ଚକ୍ର



ଜୀବନରେ କୌଣସି ଜିନିଷ ହଜିଯିବା, କେଉଁଠି ରଖି ଭୁଲିଯିବା, ହଜିଯାଇଥିବା ଜିନିଷ ଖୋଜିଲେ ନ ମିଳିବା ଆଦି ସମସ୍ୟା ସ୍ୱାଭାବିକ୍ ଭାବେ ଘଟିଥାଏ । ଯାହା ମନକୁ ଭାରାକ୍ରାନ୍ତ କରିଦିଏ। ଏଭଳି ପରିସ୍ଥିତିରେ କାର୍ତ୍ତବିର୍ୟାର୍ଜୁନ୍ ରାଜା ଯିଏ ହେୟ ବଂଶର ତଥା ଭଗବାନ ବିଷ୍ଣୁଙ୍କ ସୁଦର୍ଶନ ଚକ୍ରର ଅବତାର ବୋଲି କୁହାଯାଇଥାଏ। ତାଙ୍କର ସାଧନା କରିବା ଦ୍ୱାରା ଏହି ସବୁ ସମସ୍ୟାରୁ ତୁରନ୍ତ ମୁକ୍ତି ମିଳିଥାଏ। ପୁରାଣରେ ବର୍ଣ୍ଣିତ ହୋଇଛି ଯେ ସୁଦର୍ଶନ ଚକ୍ର ଯେ କୌଣସି ଦିଗକୁ ଯାଇ ହଜିଥିବା ଜିନିଷ ଖୋଜି ଆଣିବାରେ ସାହାଯ୍ୟ କରିଥାଏ। ଏହାର ସାଧନା ପାଇଁ ଦୀପ ଜଳାଇ ପୂର୍ବ ଅଥବା ଉତ୍ତର ଦିଗ ପଟକୁ ମୁହଁ କରି ବସନ୍ତୁ। ହଜିଯାଇଥିବା ଜିନିଷକୁ ଭାବନାରେ ଆଣି ଭଗବାନ ବିଷ୍ଣୁଙ୍କର ସୁଦର୍ଶନ ରୂପକୁ ସ୍ମରଣ କରି ଧ୍ୟାନ କରନ୍ତୁ ।

# ନ୍ୟୁଡ ସେଲଫି ବଦଳରେ ମିଳୁଛି ଋଣ

ବେଙ୍କିଂ ସାଧାରଣତଃ ଋଣ ପ୍ରଦାନ ସମୟରେ ବ୍ୟାଙ୍କ କର୍ତ୍ତୃପକ୍ଷ ଘର କିମ୍ୱା ଜମି ପଟ୍ଟାକୁ ବନ୍ଧକ ରଖିଥାନ୍ତି। ହେଲେ ଚୀନର ଏକ ବ୍ୟାଙ୍କ ଗ୍ୟାରେଣ୍ଟି ବାବଦରେ ଝିଅଙ୍କ ଅଶ୍ଳୀଳ ଫଟୋକୁ ଗ୍ରହଣ କରୁଛି। ସର୍ତ୍ତ ରହିଛି ଯଦି ସଠିକ ସମୟରେ ଋଣ ପରିଶୋଧ କରାନଯାଏ ତେବେ ଏହି ଫଟୋକୁ ସାର୍ବଜନୀନ କରାଯିବ। ଚୀନରେ ଜିଏଦାଇବାଓ ନାମକ ଏକ କମ୍ପାନୀ ଲୋକଙ୍କୁ ବ୍ୟବସାୟ ଏବଂ ଆବଶ୍ୟକୀୟ ସାମଗ୍ରି କ୍ରୟ ପାଇଁ ଅନଲାଇନରେ ଋଣ ପ୍ରଦାନ କରୁଛି। ତେବେ ଋଣ ପାଇଁ ଗ୍ୟାରେଣ୍ଟର ଭାବେ ଝିଅ



ପିଲାଙ୍କୁ ଅନଲାଇନରେ ନ୍ୟୁଡ ଫଟୋ ଦେବାକୁ କୁହାଯାଉଛି। ଏଥିରେ ଝିଅମାନେ ନିଜ ପରିଚୟ ପତ୍ର ସହ ଫଟୋ ଦେଉଛନ୍ତି। କୁହାଯାଇଛି ଯେ ଯଦି ସଠିକ ସମୟରେ ଋଣ ଅର୍ଥ ପୈଠ ନହୁଏ ତେବେ ଏହି ଫଟୋ ପରିବାର ଏବଂ ପରିଚିତ ଲୋକମାନଙ୍କୁ ପଠାଇବା ସହ ସୋସିଆଲ ସାଇଟରେ ମଧ୍ୟ ସେୟାର କରାଯିବ। କମ୍ପାନୀଟି ୩୦% ସାପ୍ତାହିକ ସୁଧରେ ଏହି ଅର୍ଥ ଆବଶ୍ୟକୀୟ ଲୋକଙ୍କୁ ପ୍ରଦାନ କରୁଛି। ମିଳିଥିବା ସୂଚନା ଅନୁସାରେ ଏହି କମ୍ପାନୀଟି ଅଦ୍ୟାବଧି ୧୬୦ଜଣ ଝିଅଙ୍କ ଫଟୋକୁ ସୋସିଆଲ ସାଇଟରେ ଛାଡି ସାରିଲେଣି। ଘଟଣାକୁ ନେଇ ବିଶ୍ୱବ୍ୟାପୀ ତୀବ୍ର ପ୍ରତିକ୍ରିୟା ଆରମ୍ଭ ହୋଇଥିଲା ବେଳେ କମ୍ପାନୀକୁ ବନ୍ଦ କରିବା ପାଇଁ ଦାବି ତେଜିଲାଣି।

# ଖାତାକୁ ଆସିଲା ୩୧କୋଟି, ଗହଣା ଏବଂ କପଡ଼ା ପାଇଁ କରିଦେଲେ ଖର୍ଚ୍ଚ

ସିଡନୀ ଭାରତରେ ନୋଟବନ୍ଦ ନିଷ୍ପତ୍ତି କାରଣରୁ ଅନେକ କଳାଧନକୁ ଧଳା କରିବା ପାଇଁ ଅନ୍ୟମାନଙ୍କ ଆକାଉଣ୍ଟରେ ଅର୍ଥ ଜମା କରୁଥିବା ଘଟଣା ଏବେ ଦେଖିବାକୁ ମିଳୁଛି। ସେହିପରି ଭୁଲରେ ମଧ୍ୟ ବ୍ୟାଙ୍କ



ଅଧିକାରୀମାନେ ଜଣଙ୍କ ସ୍ଥାନରେ ଅନ୍ୟଜଣଙ୍କ ଆକାଉଣ୍ଟରେ ଟଙ୍କା ଜମା କରିଦେଉଛନ୍ତି। ବ୍ୟାଙ୍କର ଏହି ତ୍ରୁଟି ଯୋଗୁ ଜଣେ ଛାତ୍ରଙ୍କୁ କୋର୍ଟର ଚକ୍କର କାଟିବାକୁ ପଡିଛି। ମାମଲାଟି ୨୦୧୨ ମସିହାର। ବ୍ୟାଙ୍କ ପକ୍ଷରୁ ଭୁଲରେ ମାଲେସିଆର ଜଣେ ୨୧ବର୍ଷିୟ ଛାତ୍ରୀ କ୍ରିଷ୍ଟିନାଙ୍କ ଖାତାକୁ ଆସିଥିଲା ୩୧କୋଟି ଟଙ୍କା। ୨୦୧୪ ଜୁଲାଇ ମାସରେ ଏ ସମ୍ପର୍କରେ କ୍ରିଷ୍ଟିନା ଜାଣିପାରିଥିଲେ। ପରେ ଏହି ଟଙ୍କାରେ ସେ ଗହଣା,ପ୍ରଶାଧନ ସାମଗ୍ରିଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଜିନିଷ କ୍ରୟ କରିଥିଲେ। ଏପରିକି ଗୋଟିଏ ଦିନ ସେ ଦେଢକୋଟି ଟଙ୍କାର କିଣାବିକା କରିଥିଲେ। ଗତବର୍ଷ ଏହି ତ୍ରୁଟି ସମ୍ପର୍କରେ ବ୍ୟାଙ୍କ କର୍ତ୍ତୃପକ୍ଷ ଅବଗତ ହେବାପରେ କ୍ରିଷ୍ଟିନାଙ୍କୁ ଫୋନ କରି ତୁରନ୍ତ ଟଙ୍କା ଫେରାଇବା ପାଇଁ ଅନୁରୋଧ କରିଥିଲେ। ହେଲେ କ୍ରିଷ୍ଟିନା କହିଥିଲେ ଯେ ମୁଁ ଭାବିଥିଲି ଏହି ଟଙ୍କା ମୋତେ ମୋ ବାପା ପଠାଇଛନ୍ତି। ପରେ ଘଟଣାଟି କୋର୍ଟରେ ପହଞ୍ଚିଥିଲା। ଗତ ମଙ୍ଗଳବାର ଦିନ ଡାଉନିଂ ସେଣ୍ଟର କୋର୍ଟରେ କ୍ରିଷ୍ଟିନା ଉପସ୍ଥିତ ହୋଇ ନିଜ ଯୁକ୍ତି ରଖିଥିଲେ। ପରେ ଏହି ମାମଲାରେ କୋର୍ଟ ତାଙ୍କୁ ସମ୍ମାନର ସହ ମୁକ୍ତି କରିଛି।

# ସନ୍ତାନ ଓ ଚାକିରି ଛାଡ଼ି ଆଇଏସ ବିରୋଧରେ ବନ୍ଧୁକ ଉଠାଇଲେ ମହିଳା

ସିରିୟାର ବେବିଲୋନିଆ ତାଙ୍କର ଦୁଇ ସନ୍ତାନ



ଓ ହେୟାର ଡ୍ରେସର ଚାକିରି ଛାଡି ଦୁର୍ଦ୍ଧର୍ଷ ଆତଙ୍କବାଦୀ ସଂଗଠନ ଆଇଏସଆଇଏସ ବିରୋଧରେ ବନ୍ଧୁକ ଉଠାଇଛନ୍ତି। ସେ ଆଇଏସ ବିରୋଧରେ ଲଢୁଥିବା ଖ୍ରୀଷ୍ଟିଆନ ଫିମେଲ ପ୍ରୋଟେକସନ ଗ୍ରୁପରେ ସାମିଲ ହୋଇଛନ୍ତି। ୩୬ ବର୍ଷୀୟା ବେବିଲୋନିଆ ସିରିୟାର ଉତ୍ତର-ପୂର୍ବରେ ହଶକାହ ପ୍ରଦେଶରେ ଖ୍ରୀଷ୍ଟିଆନ ସଂଖ୍ୟାଲଘୁ ସଂପ୍ରଦାୟର ମହିଳା। ଏହି ଗ୍ରୁପରେ ୫୦ ମହିଳା ଅଛନ୍ତି ଏବଂ ଏମାନଙ୍କ ପ୍ରଶିକ୍ଷଣ ଶିବିର ସିରିୟାର ଅଲ-କହତନିଏ ସହରରେ ରହିଛି। ବେବିଲୋନିଆ କହିଛନ୍ତି ପିଲାଙ୍କ ଭବିଷ୍ୟକୁ ସୁରକ୍ଷିତ କରିବା ପାଇଁ ସେ ଆଇଏସଆଇଏସ ବିରୋଧରେ ଅସ୍ତ୍ର ଉଠାଇଛନ୍ତି। ସିରିୟାରେ ୮୯ହଜାର ଖ୍ରୀଷ୍ଟିଆନ ବସବାସ କରୁଥିଲେ ହେଁ ଆଇଏସ ଆତଙ୍କବାଦୀଙ୍କ ଭୟରେ ଏମାନଙ୍କ ସଂଖ୍ୟା ଦ୍ରୁତ ହ୍ରାସ ପାଉଛି।

## ଆଜିର ଭାଗ୍ୟ

**ମେଷ** କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** ବନ୍ଧୁଙଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ଥି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## ସୁନ୍ଦର ଆଖି

ମଣିଷ ଶରୀରରେ ଆଖି ହେଉଛି ସବୁଠାରୁ ସୁନ୍ଦର ଭାଗ । ଯାହା ଆପଣଙ୍କ ସୁନ୍ଦରତାକୁ ଆହୁରି ବଢାଇ ଦେଇଥାଏ । ଯଦି ଆପଣ ଆପଣଙ୍କ ଆଖିକୁ ସୁନ୍ଦର କରିବାକୁ ଚାହାନ୍ତି ତେବେ, ସ୍ମୋକିକ ଆଇଜ୍ ପାଇଁ ସର୍ବଦା ଗ୍ରେ ଏବଂ କଳା ରଙ୍ଗର ଆଇସ୍ୟାଡୋର ମିଶ୍ରଣକୁ କଳା ସହିତ ଲଗାନ୍ତୁ । ଏଥିପାଇଁ ସର୍ବପ୍ରଥମେ ଆଇବ୍ରୋର ତଳ ଭାଗରେ ରହିଥିବା ହାଡରୁ ଟିକେ ତଳକୁ ଆଖିପତାରେ ଗ୍ରେ ରଙ୍ଗର ଆଇସ୍ୟାଡେ ଲଗାନ୍ତୁ । ଏହାପରେ ଆଖିର ତଳ ଏବଂ ଉପର ଦୁଇ ଭାଗରେ କଳା ଲଗାନ୍ତୁ । ଏହା ଆଖିର ସୁନ୍ଦରତା ବଢେଇ ଦେଇଥାଏ ।

# କ୍ଲୋରାମିନ୍ ଯୁକ୍ତ ଖାଦ୍ୟ ହାନିକାରକ

ଆପଣଙ୍କ ଶରୀର ପାଇଁ କ୍ଷତିକାରକ ସାବ୍ୟସ୍ତ ହୋଇପାରେ। ନିକଟରେ କରାଯାଇଥିବା ଏକ ଗବେଷଣାରୁ ଜଣାଯାଇଛି କ୍ଲୋରାମିନ୍ ଯୁକ୍ତ ଖାଦ୍ୟ ଓ ଲୁଣ ପ୍ରତିକ୍ରିୟା କରି ଏଭଳି ଏକ ହାନିକାରକ ରସାୟନ ନିର୍ମାଣ କରୁଛନ୍ତି, ଯାହା ଆପଣଙ୍କୁ ଡାକ୍ତରଖାନାରେ ପହଞ୍ଚାଇଦେବ। ଗବେଷକମାନେ ଅନେକ ଅଣୁମାନଙ୍କର ସନ୍ଧାନ କରିଛନ୍ତି, ଯାହା ସମ୍ପୂର୍ଣ୍ଣ ନୂଆ ଓ କ୍ଲୋରାମିନ୍ ଯୁକ୍ତ ପାଣି ଓ ଖାଦ୍ୟରେ ଥିବା ଆୟୋଡ଼ିନ୍ ଯୁକ୍ତ ଲୁଣ ମଧ୍ୟରେ



ପ୍ରତିକ୍ରିୟାରୁ ସୃଷ୍ଟି ହୋଇଛନ୍ତି। ପାଣିକୁ ସ୍ୱଚ୍ଛ କରିବା ପାଇଁ ସେଥିରେ କ୍ଲୋରିନ୍ କିମ୍ୱା କ୍ଲୋରୋଏମିନ୍ସର ଅଣୁ ମିଶାଯାଇଥାଏ। ଗବେଷକଙ୍କ ମତରେ ପାଇପ୍ ପାଣିରେ ଉପସ୍ଥିତ ଥିବା କ୍ଲୋରିନ୍ କିମ୍ୱା କ୍ଲୋରୋଏମିନ୍ସ ଆୟୋଡ଼ିନ୍ ଲୁଣ ସହ ପ୍ରତିକ୍ରିୟା କରି ହାଇପୋଆୟୋଡ଼ସ୍ ଏସିଡ଼ ନିର୍ମାଣ କରିଥାଏ। ଯାହା ସାଧାରଣତଃ ହାନିକାରକ ନୁହେଁ। କିନ୍ତୁ ଯେତେବେଳେ ଏସିଡ଼ ଖାଦ୍ୟ ରାନ୍ଧିବା ସମୟରେ ପାଇପ୍ ପାଣିରେ ଉପସ୍ଥିତ ଅଣୁ ଓ ଅନ୍ୟ କାର୍ବନିକ୍ ପଦାର୍ଥ ସହିତ ପ୍ରତିକ୍ରିୟା କରିଥାଏ। ସେତେବେଳେ ସେଥିରେ ହାନିକାରକ ଆୟୋଡ଼ିନ୍ ଯୁକ୍ତ ଜୀବାଣୁ ନାଶକ ତିଆରି ହୋଇଥାଏ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ୱା କିଛି ତରଳ ପଦାର୍ଥ ପିଇବା ଉଚିତ୍ ।



ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ ।




# ରାଜ୍ୟରେ ତିନି ହଜାର କିଲୋମିଟର ରାସ୍ତାର ହେବ ସାଇନେଜ ଅଡ଼ିଟ



ଓଡ଼ିଶା ସରକାରଙ୍କ ସଡ଼କ ଓ ପରିବହନ ବିଭାଗ ଏକ ଦୃଷ୍ଟାନ୍ତମୂଳକ କାର୍ଯ୍ୟକ୍ରମ ହାତକୁ ନେଇଛି। ଯାହାର ବଡ଼ ସୁଫଳ ଗାଡ଼ି ଚାଳକମାନେ ପାଇବେ ଏବଂ ସଡ଼କ ଦୁର୍ଘଟଣାରୁ ମଧ୍ୟ ସେମାନେ ମୁକ୍ତି ପାଇପାରିବେ। ରାଜପଥରେ ସାଇନେଜ ନଥିଲେ ଏହା ସଡ଼କ ବ୍ୟବହାରକାରୀଙ୍କୁ ଦ୍ୱନ୍ଦ୍ୱରେ ପକାଉଛି। ଏହାଦ୍ୱାରା ଦୁର୍ଘଟଣା ବୃଦ୍ଧି ପାଉଥିବା ଜଣା ପଡ଼ିଛି। ରାଜ୍ୟ ସଡ଼କ ପରିବହନ ବିଭାଗର ଏକ ପାଇଲଟ ପ୍ରୋଜେକ୍ଟ ଜରିଆରେ ୫୦ କିମି ରାସ୍ତାର ସାଇନେଜ ଅଡିଟ ପରେ ଏହା ସ୍ପଷ୍ଟ ହୋଇଛି। ଏକଥା ଜଣା ପଡ଼ିବା ପରେ ରାଜ୍ୟ ସଡ଼କ ପରିବହନ ବିଭାଗ ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୩ ହଜାର କିଲୋମିଟର ରାଜପଥର ସାଇନେଜ ଅଡିଟ କରାଯିବ। ଅର୍ଥାତ ରାସ୍ତାର ସବୁ ସ୍ଥାନରେ ସାଇନେଜ ଲାଗିବ। ଓଡ଼ିଶାରେ ୧୦୦ ପ୍ରତିଶତ ରାସ୍ତାକୁ ସଙ୍କେତ ଅନୁକୂଳ କରିବା ପାଇଁ ପରିହବନ ବିଭାଗ ପ୍ରଥମ ପର୍ଯ୍ୟାୟରେ ୩ ହଜାର କିଲୋମିଟର ରାସ୍ତା ପାଇଁ ସଡ଼କ ଚିହ୍ନ ଓ ମାର୍କିଂରେ ଅଡ଼ିଟ କରିବା ପାଇଁ ପଦକ୍ଷେପ ନେଉଥିବା ନେଇ ରାଜ୍ୟ ସଡ଼କ ପରିବହନ ବିଭାଗ ପକ୍ଷରୁ କୁହାଯାଇଛି।

ରାସ୍ତାରେ ମାନବୀୟ ତ୍ରୁଟି ଯୋଗୁଁ ଦୁର୍ଘଟଣା ଘଟୁଛି। ଠିକ ସାଇନେଜ ନ ଥିବାରୁ ଏହା ଦୁର୍ଘଟଣାର କାରଣ ହୋଇଛି। ଓଡ଼ିଶାରେ ୧୦୦ ପ୍ରତିଶତ ସଡ଼କ ସଙ୍କେତ ଅନୁକୂଳ କରିବା ପାଇଁ ପରିବହନ ବିଭାଗ ରାଜ୍ୟରେ ସଡ଼କ ସଙ୍କେତ ଅଡିଟ ଭଳି ଏକ ନିଆରା ପଦକ୍ଷେପ ହାତକୁ ନେଇଛି। ଉପଯୁକ୍ତ ସଡ଼କ ଚିହ୍ନ, ଟ୍ରାଫିକ ସଙ୍କେ ସରଳୀକରଣ, ସଡ଼କ ଇଂଜିନିୟରିଂ ବ୍ୟବସ୍ଥାରେ ସୁଧାର ଆଣି ସଡ଼କ ଦୁର୍ଘଯଣା ମାତ୍ରାକୁ କମ କରିବାକୁ ପଦକ୍ଷେପ ନିଆଯାଉଛି। ତ୍ରୁଟିପୂର୍ଣ୍ଣ ସାଇନେଜ ଓ ସିଗନାଲ ଗୁଡ଼ିକ ବହୁ ସମୟ ଟ୍ରାଫିକ ଜାମ ଓ ସଡ଼କ ଦୁର୍ଘଟଣାର କାରଣ ହୋଇଛି। ବିଶେଷଜ୍ଞଙ୍କ ସାହାଯ୍ୟରେ ସୁନ୍ଦରଗଡ଼ ଜିଲ୍ଲାର ୫୦ କିଲୋମିଟର ରାସ୍ତା, ଦେଓକର୍ଣ୍ଣପୁରରୁ କେସଇବାହାଲ ପର୍ଯ୍ୟନ୍ତ ରାଜ୍ୟ ରାଜପଥ ନଂ ୧୦ (ବିଜୁ ଏକ୍ସପ୍ରେସ)ରେ ମାର୍କିଂର ପରୀକ୍ଷାମୂଳକ ଅଡିଟ କରାଯାଇଥିଲା। ଅଧ୍ୟୟନରୁ ଜଣାପଡ଼ିଥିଲା କି ସଡ଼କ ବ୍ୟବହାରକାରୀଙ୍କ ପାଇଁ ସାଇନେଜର ଆବ୍ୟକତା ରହିଛି। ସଙ୍କେତ ନଥିବା ଛକ ଚାଳକଙ୍କ ମନରେ ଦ୍ୱନ୍ଦ୍ୱ ସୃଷ୍ଟି କରୁଛି। ଯାହା ଦୁର୍ଘଟଣାର ଅନ୍ୟତମ ପ୍ରମୁଖ କାରଣ ହେଉଛି। ନମୁନା ଅଡିଟର ଅନୁସନ୍ଧାନ ଓ ସୁପାରିସ ଅନୁଯାୟୀ ରାଜପଥ ପ୍ରସାରଣରେ ସଂଶୋଧନ କାର୍ଯ୍ୟ ଚାଲିଛି। ଏହି କାର୍ଯ୍ୟକ୍ରମରେ ସଂପୃକ୍ତ ଅଧିକାରୀମାନେ ତ୍ରୁଟିପୂର୍ଣ୍ଣ ସ୍ଥାନରେ ଠିକ ରୋଡ଼ ସାଇନେଜ ଲଗାଇବେ ଓ ନଷ୍ଟ ହୋଇଯାଇଥିବା ସାଇନେଜ ଗୁଡ଼ିକର ମରାମତି କରିବେ। ଆବଶ୍ୟକସ୍ଥଳେ ସେମାନେ ନୂତନ ରୋଡ଼ ସାଇନେଜ ସ୍ଥାପନ କରିବେ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସବୁ କ୍ଷେତ୍ରରେ ପ୍ରଶାସନ ଠାରୁ ଆମ ସମସ୍ତଙ୍କର ସଚେତନତା ଓ ଗୁରୁଦାୟିତ୍ୱ ରହିଛି ଏହାକୁ ମନେ ରଖିବା ଜରୁରୀ।


**ନାଟ୍ୟସାରଥି ଅଭୟ କୁମାର ଦାସ, ଗୋତରା, ମାହାଙ୍ଗା, କଟକ, ଦୂରଭାଷ : ୯୪୩୭୧୪୨୭୧୭**

## ଏସେଲ୍ସ ପବ୍ଲିକ ସ୍କୁଲର ଏଗାରତମ ବାର୍ଷିକ କ୍ରୀଡ଼ା ଉତ୍ସବ



କଟକ (ପିଏନ୍): କଟକ ସିଡ଼ିଏ ସେକ୍ଟର-୯ସ୍ଥିତ ବିଡ଼ାନାସୀ ଫୁଟବଲ ପଡ଼ିଆଠାରେ ଏସେଲ୍ସ ପବ୍ଲିକ ସ୍କୁଲ ଓ ସିମରିଂ ଷ୍ଟାର ପ୍ଲେ ସ୍କୁଲର ମିଳିତ ଏଗାରତମ ବାର୍ଷିକ କ୍ରୀଡ଼ା ଉତ୍ସବ ଦୁଇଦିନ ବ୍ୟାପୀ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ସମୂହର ପରିଚାଳନା ନିର୍ଦ୍ଦେଶିକା ଡକ୍ଟର ମେଘନା ମିଶ୍ର ଏହି କାର୍ଯ୍ୟକ୍ରମକୁ ପୌରୋହିତ୍ୟ କରି ମଶାଲ ପ୍ରଜ୍ୱଳନର ବିଧିବଦ୍ଧ ଉଦ୍‌ଘାଟନ କରିଥିଲେ। କଟକ ସଦରର ଡିଏସଓ ରଶ୍ମୀରଞ୍ଜନ ସାମନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ପିଲାମାନଙ୍କ କ୍ରୀଡ଼ା ନୈପୁଣ୍ୟତାର ଭୂୟଂସୀ ପ୍ରଶଂସା କରି ସେମାନଙ୍କ ସାମାଜିକ ଦାୟିତ୍ୱବୋଧ ଉପରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଶ୍ରୀ ମିଶ୍ର ଓ ଡକ୍ଟର ମେଘନା ମିଶ୍ର କୃତୀ କ୍ରୀଡ଼ାବିତମାନଙ୍କୁ ମେଡ଼ାଲ ପ୍ରଦାନ କରି ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ ଆଡ଼ମିନିଷ୍ଟ୍ରେଟର ମିନୁ ପଟ୍ଟନାୟକ, ବରିଷ୍ଠ ଶିକ୍ଷୟିତ୍ରୀ ମିନତୀ ଭୂୟାଁ, ପରମିତା ପ୍ରିୟଦର୍ଶିନୀ, ଆରାଧନା ବେହେରା, ଜ୍ୟୋତିର୍ମୟୀ, ସ୍ନେହାଞ୍ଜଳୀ ସ୍ୱାଇଁ, ସାଗରିକା ସାହୁ, ଶିକ୍ଷକ ଧୀରେନ ମଲ୍ଲିକ, ନିଧି ସିଂହ ପ୍ରମୁଖ ପରିଚାଳନା କରିଥିଲେ। ପିଲାମାନଙ୍କ ଅନ୍ତର୍ନିହିତ ସୃଜନଶୀଳତା ସହ ପ୍ରାଚୀନ କ୍ରୀଡ଼ା ନୈପୁଣ୍ୟତା ସହିତ ଦୈନନ୍ଦିନ ସୁସ୍ଥତା ନିମିତ୍ତ ନିୟମିତ ଯୋଗାଭ୍ୟାସ ଓ କୁସ୍ତିକସରତ କରି ଶାରୀରିକ ସାମର୍ଥ୍ୟ ବଢ଼ାଇବା ପାଇଁ ପିଲାମାନଙ୍କୁ ମାର୍ଗଦର୍ଶନ କରି ପରିଚାଳନା ନିର୍ଦ୍ଦେଶିକା ଶିକ୍ଷାବିତ ଡକ୍ଟର ମେଘନା ମିଶ୍ର ସମସ୍ତଙ୍କ ସାମଗ୍ରିକ ସହଯୋଗ ପ୍ରେରଣା ପାଇଁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ବିଦ୍ୟାର୍ଥୀ, ଅଭିଭାବକ, ସ୍ଥାନୀୟ ଜନସାଧାରଣ, କ୍ରୀଡ଼ାବିତ ଓ ଶିକ୍ଷାବିତ୍ ପ୍ରମୁଖ ଯୋଗ ଦେଇଥିଲେ।

# ଆସଇ ବସନ୍ତ ଶିଶିର ଅନ୍ତେ...



'ଆସଇ ବସନ୍ତ ଶିଶିର ଅନ୍ତେ, ଦିଶଇ ଧରଣୀ ଚାରୁ କିମନ୍ତେ। ସୌନ୍ଦର୍ଯ୍ୟ ତରଙ୍ଗେ ଭାସଇ ମଇ, ଭୁବନ ଆନନ୍ଦ ନୁହଁଇ କଇ'- ବସନ୍ତ ଋତୁକୁ ନେଇ ଭକ୍ତକବି ମଧୁସୂଦନ ରାଓ 'ବସନ୍ତ' ଶୀର୍ଷକ ପଦ୍ୟାବଳୀରେ ବସନ୍ତ ଋତୁ ବିଷୟରେ ସବିଶେଷ ବର୍ଣ୍ଣନା କରିଛନ୍ତି। ପାବନ ପୂଣ୍ୟକ୍ଷେତ୍ର ପୁରୀ ନଗରୀରେ ୧୮୫୩ ଖ୍ରୀଷ୍ଟାବ୍ଦ ଜାନୁଆରୀ ମାସ ୨୯ ତାରିଖରେ ମଧୁସୂଦନ ଜନ୍ମଗ୍ରହଣ କରିଥିଲେ ଏବଂ ୧୯୧୨ ମସିହା ଡିସେମ୍ବର ମାସ ୨୮ ତାରିଖରେ ତାଙ୍କର ଦେହାବସାନ ଘଟିଥିଲା। ଅଷ୍ଟାଦଶ ଶତାବ୍ଦୀରେ ଅଥବା ବ୍ରିଟିଶ ଆଗମନ ପୂର୍ବେ ଯେଉଁ ମରହଟ୍ଟା କ୍ଷତ୍ରିୟମାନେ ଏହି ଦେଶକୁ ଆସି ବାସସ୍ଥାପନ କରିଥିଲେ ତାଙ୍କ ମଧ୍ୟରୁ ମଧୁସୂଦନଙ୍କ ପିତାମହ ସଦାଶିବ ରାଓ ଅନ୍ୟତମ। ପିଲାଦିନରୁ ମଧୁସୂଦନ ସର୍ବଗୁଣରେ ବିଶେଷତଃ ସୁଶୀଳତା ଗୁଣରେ ପ୍ରତିବାସୀମାନଙ୍କର ଶ୍ରଦ୍ଧା ଓ ଅନୁରାଗର କେନ୍ଦ୍ରବିନ୍ଦୁ ପାଲଟିଥିଲେ। ପିଲାଟିଦିନରୁ ମାଆ ଅମ୍ବିକା ଦେବୀଙ୍କୁ ହରାଇ ଉଭୟ ଲାଳନ ପାଳନ ଓ ଶିକ୍ଷା ବିଧାନ ବାପାଙ୍କ ଠାରୁ ପାଇଥିଲେ। ନିଜ ଜୀବନର ଖଡ଼ିପାଠ ଛୁଆଁ ପ୍ରଥମେ ପୁରୀ ଜିଲ୍ଲା ଅନ୍ତର୍ଗତ ଗୋପର ଗ୍ରାମ୍ୟପାଠ ଶାଳାରେ ବିଧିବଦ୍ଧ ଭାବରେ ବର୍ଷକ ପରେ ଭୁବନେଶ୍ୱରସ୍ଥିତ ତାଙ୍କ ବାପାଙ୍କ ଘରେ ରହି ତତ୍‌କାଳୀନ ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ବିଦ୍ୟାଳୟରେ ମଧ୍ୟଶ୍ରେଣୀ ବିଦ୍ୟାଳୟରେ ତାଙ୍କ ନାମ ଲେଖାଯାଇଥିଲା। ସେହି ସମୟ ମାନଙ୍କରେ ବିଦ୍ୟାଳୟରେ ଓଡ଼ିଆ ଓ ବଙ୍ଗଳା ଉଭୟ ଭାଷାରେ ଶିକ୍ଷା ଦିଆଯାଉଥିଲା। ପିଲାଟି ଦିନରୁ ତାଙ୍କର ସାରସ୍ୱତ ସାହିତ୍ୟର ପ୍ରତିଭା ବିଦ୍ୟାଳୟର ଶିକ୍ଷକଙ୍କ ଠାରୁ ପରିଦର୍ଶକ ପର୍ଯ୍ୟନ୍ତ ସମସ୍ତଙ୍କ ପ୍ରଶଂସାର ପାତ୍ର ହୋଇଥିଲେ। ଜିଲ୍ଲା ସ୍କୁଲ ଠାରୁ ଅନ୍ୟାନ୍ୟ ବିଦ୍ୟାଳୟରେ ସମସ୍ତ ପ୍ରତିଯୋଗିତାରେ ତା ସହିତ ବାର୍ଷିକ ପରୀକ୍ଷାରେ କୃ ିତ୍ୱର ସହ ପ୍ରଥମ ସ୍ଥାନ ଅଧିକାର କରୁଥିଲେ। କବିବର ରାଧାନାଥ ରାୟଙ୍କ ସାନିଧ୍ୟ ପାଇ ପାରିଥିଲେ। ମଧୁସୂଦନ ଦ୍ୱିତୀୟ ଶ୍ରେଣୀରେ ଅଧ୍ୟୟନ କରୁଥିବା ସମୟରେ ରାଧାନାଥ ସେ ବିଦ୍ୟାଳୟର ଦ୍ୱିତୀୟ ଶିକ୍ଷକ ହୋଇଯାଇଥିଲେ। ସେଠାରେ ସେ ମଧୁସୂଦନଙ୍କ ମେଧାବିତା ଏବଂ ସୁଶୀଳତା ଗୁଣରେ ମନ୍ତ୍ରମୁଗ୍ଧ ହୋଇ ତାଙ୍କ ପାଠପଢ଼ା ବ୍ୟକ୍ତିଗତ ଭାବେ ଦେଖୁଥିଲେ। ଏହି ସମୟରେ ଦୁଇଜଣ ସୁପ୍ରସିଦ୍ଧ ପଣ୍ଡିତ ହରିହର ଦାସଙ୍କ ନିକଟରେ ସଂସ୍କୃତ ଚର୍ଚ୍ଚାର ସୁଯୋଗ ପାଇଥିଲେ। ପ୍ରଥମ ବର୍ଷ ନ'ଅଙ୍କ ଦୁର୍ଭିକ୍ଷ ପଡ଼ିବାରୁ ସେ ପରୀକ୍ଷା ଦେଇପାରି ନଥିଲେ। ପରବ ୀ ସମୟରେ କଟକ ହାଇସ୍କୁଲରେ ଏଫ.ଏ. ଶ୍ରେଣୀରେ ଅଧ୍ୟୟନ ଆରମ୍ଭ କରିଥିଲେ। ମାତ୍ର ଏକାଦଶ ବର୍ଷ ବୟସରେ ପୁରୀବାସୀ ବଲରାଜଜୀଙ୍କ କନ୍ୟା ପଦ୍ମାଦେବୀଙ୍କ ସହିତ ତାଙ୍କର ଶୁଭପରିଣୟ ହୋଇଥିଲା। ପ୍ରଚଣ୍ଡ ଈଶ୍ୱରବିଶ୍ୱାସୀ ଓ ଶିବଙ୍କ ଭକ୍ତ ବାଳକ ମଧୁସୂଦନ ପ୍ରତିଦିନ ଶିବ ଦର୍ଶନ ନକଲେ ଜଳ ଗ୍ରହଣ କରୁନଥିଲେ। ସମୁଦ୍ର କୂଳରେ ଭ୍ରମଣ କରି ତାହାର ଆକାଶର ଅନନ୍ତ ନୀଳିମା ଦର୍ଶନରେ ସେ ମୁଗ୍ଧ ହେଉଥିଲେ। ତେବେ ୧୮୬୭ରେ ଦାରୁଣ୍ୟ ଦୁର୍ଭିକ୍ଷ ମଧୁସୂଦନଙ୍କ ହୃଦୟକୁ କ୍ଷତବିକ୍ଷତ କରିଥିଲା। ବ୍ରାହ୍ମ ଧର୍ମରେ ଦୀକ୍ଷିତ ହୋଇ ମଧୁସୂଦନ ନବ୍ୟ ସମାଜର ଯଥାବିଧି ବ୍ରହ୍ମପାସନାର ସୁବିଧା ନିମି ବ ମାନ ମନ୍ଦିର ଲୋଡ଼ିଥିଲେ। ବ ମାନ ଗଙ୍ଗାମନ୍ଦିରସ୍ଥ ଯେଉଁ ଗୃହରେ ବ୍ରାହ୍ମଉପାସନା ହେଉଅଛି, ସେହି ଘରର ମାଲିକ ତତ୍‌କାଳୀନ ଅବସରପ୍ରାପ୍ତ ଡେପୁଟି କଲେକ୍ଟର ସ୍ୱର୍ଗୀୟ ଜଗମୋହନ ରାୟ ଏହି ଧର୍ମପ୍ରାଣ ଯୁବକଙ୍କ ଅନୁରୋଧରେ ଗୃହଟିକୁ ଦାନ କରିଥିଲେ। ୧୮୭୧ ଖ୍ରୀଷ୍ଟାବ୍ଦରେ ମଧୁସୂଦନ ଏଫ.ଏ. ପରୀକ୍ଷାରେ ଉତୀର୍ଣ୍ଣ ହୋଇଥିଲେ। କଲେଜରେ ପଢୁଥିବାବେଳେ ମଧୁସୂଦନ ବଙ୍ଗଳାର ମେଘନାଦବୋଧ ପ୍ରଭୃତି କାବ୍ୟ ଏବଂ ଓଡ଼ିଆର ତାଳପତ୍ର ପୋଥିରୁ ବୈଧେଷ ବିଳାସ ଆଲୋଚନା କରୁଥିଲେ। ସୃଷ୍ଟିକ ାଙ୍କ ଉଦ୍ଦେଶ୍ୟରେ ମଧୁସୂଦନ ଲେଖିଯାଇଥିଲେ ପରମେଶ୍ୱର ଶୀର୍ଷକ ଏହି କବିତାଟି 'ଯାହା ମୁଁ କରଇ, ଯାହା ମୁଁ କହଇ, ଯାହା ମୁଁ ଚିନ୍ତଇ ମନେ, ଜଗତର କ ା ପରମ ଈଶ୍ୱର ଯାଣୁଛନ୍ତି ପ୍ରତୀକ୍ଷଣେ' ଏହି ଶୀର୍ଷକ ସଙ୍ଗୀତଟି ଆମ ଓଡ଼ିଆ ଘରେ ଘରେ ଏକ ପବିତ୍ର ପଦ୍ୟାବଳୀ। ୧୮୭୩ ଖ୍ରୀଷ୍ଟାବ୍ଦର ଅକ୍ଟୋବର ୨୯ ତାରିଖରେ ସରକାରୀ ଚାକିରୀ ଗ୍ରହଣ କରି ବାଲେଶ୍ୱର ଜିଲ୍ଲା ସ୍କୁଲର ଦ୍ୱିତୀୟ ଶିକ୍ଷକ ପଦରେ ନିଯୁକ୍ତ ହୋଇଥିଲେ। ମଣିକାଞ୍ଚନ ସଂଯୋଗ ପରି ମଧୁସୂଦନଙ୍କ ସହ ବିଶିଷ୍ଟ ସାରସ୍ୱତ ସାଧକ ତଥା ମହାରାଜ କୁମାର ବୈକୁଣ୍ଠନାଥଙ୍କ ସଂସ୍ପର୍ଶ ପାଇଥିଲେ ଏବଂ ସାରସ୍ୱତ କୀ ି ପାଇଁ 'ଉତ୍କଳ ଦର୍ପଣ' ନାମକ ପତ୍ରିକାଟି ପ୍ରକାଶିତ ହୋଇଥିଲା। ପ୍ରକୃତିପ୍ରେମୀ ମଧୁସୂଦନ ରାଓ ଅନେକ ଲେଖା ଲେଖିଯାଇଛନ୍ତି। 'ଆତ୍ମସମର୍ପଣ', ଶୀର୍ଷକ ପଦ୍ୟାବଳୀରେ - 'ଏ କ୍ଷୁଦ୍ର ପ୍ରାଣର ପ୍ରେମ ପ୍ରତିଦାନ ପାଦପଦ୍ମେ ପ୍ରାଣବଳୀ, ଅର୍ପଇ ଆନନ୍ଦେ, ଘେନ ମହାପ୍ରଭୁ ଘେନ ଏ ଦୁଖୀର ଅଳି'। ବିଧିର ବିଧାନ ପାଇଁ 'ବିଧିବିଧାନ'ରେ ଲେଖିଛନ୍ତି - 'ସେହିତ ଧର୍ମ ସନାତନ ଧରି ରଖିଛି ଏ ଭୁବନ, ସେ ଧର୍ମପଥ ମଧୁମୟ, ତାହାକୁ କରହେ ଆଶ୍ରୟ'। ଆଧୁନିକ ଉତ୍କଳ ସାହିତ୍ୟ ଓ ଯୁବକ ସମାଜରେ ପ୍ରାଣରେ ଯେଉଁ ରତିନୀତିର ପୁଣ୍ୟଶ୍ରୀ ଦେଖାଯାଉଅଛି ତାହାରି ମୂଳରେ ମଧୁସୂଦନଙ୍କ ପ୍ରେରଣା ରହିଛି। ସେ ଅତ୍ୟନ୍ତ ସତ୍ୟନିଷ୍ଠ ଓ ନ୍ୟାୟପରାୟଣ ଥିଲେ। ଅତିଥି ସେବା ଥିଲା ତାଙ୍କର ପ୍ରିୟ କାର୍ଯ୍ୟ। କେହି କେହି କୁହନ୍ତି ଇଂଲଣ୍ଡର କବି ଟେନିସନ୍‌ଙ୍କ ପରି ତାଙ୍କର ସ୍ଥାନ ଅନ୍ୟ କବି ଦ୍ୱାରା ପୂର୍ଣ୍ଣ ହେବାର ନାହିଁ। ଓଡ଼ିଆ ସାରସ୍ୱତ ସାହିତ୍ୟ ଜଗତକୁ ଅନେକ ପୁରାଣ କବିତା ଗ୍ରନ୍ଥ ଛାନ୍ଦମାଳା, ବିବିଧ କବିତା ଠାରୁ ଅନ୍ୟାନ୍ୟ ସାହିତ୍ୟ ପ୍ରତି ସେ ଲେଖାଲେଖି କରୁଥିଲେ। ତାଙ୍କରି ପରଲୋକ ଗତା ସୁଲକ୍ଷଣା ଦେବୀ ଶୀର୍ଷକ କବିତାରେ ତାଙ୍କରି ଭାଷାରେ ଲେଖୁଛି- 'ଶାନ୍ତିସୁଧା ପାନ କର ସ୍ୱର୍ଗରେ, ଭୁଞ୍ଜ ମା' ଅମୃତ ଆନନ୍ଦଭରେ, ଲଭିଣ ଉଦାରତର ଜୀବନେ, 'ଜଣାଣ'କର ମା' ବିଭୁଚରଣେ, ଯେହ୍ନେ ଭକ୍ତି ଅନୁସରି, ଏଭବେ ପାଷାଣ ହୃଦ ଦ୍ରବିଯାଉ, ପାପ ଯାଉ ଅପସରି'।

**——ଡଃ. ଅରୁନ୍ଧତୀ ଦେବୀ**
*ଶୋଭନୀୟ ଆନ୍ଦୋଳନ, ଭୁବନେଶ୍ୱର, ଦୂରଭାଷ: ୯୯୩୭୧୭୨୮୧୦*

## ବ୍ୟବସାୟୀଙ୍କୁ ଏସିଡ୍ ଫିଙ୍ଗିବା ଅଭିଯୋଗରେ ୩ ଗିରଫ

ଧର୍ମଶାଳା (ପିଏନ୍): ଜାରକା ମେନ୍ ମାର୍କେଟ୍ ବଣିକ ସଂଘ ସଭାପତି ଅଶୋକ କୁମାର ସାହୁଙ୍କୁ ଆକ୍ରମଣ ଓ ଏସିଡ୍ ଫିଙ୍ଗିବା ଅଭିଯୋଗରେ ଧର୍ମଶାଳା ଥାନା ପୁଲିସ୍ ୨ଜଣ ମହିଳାଙ୍କ ସମେତ ୩ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜାରକାର ଝୁନୁଲତା ବରାଳ, ଝରଣା ପଲେଇ ଓ ନିହଲପ୍ରସାଦ ଗ୍ରାମର ହେମନ୍ତ ସେଠୀଙ୍କୁ ଚଣ୍ଡିଖୋଲ କୋର୍ଟ ଚାଲାଣ କରାଯାଇଛି । ପ୍ରକାଶ ଯେ, ବ୍ୟବସାୟୀ ଅଶୋକ(ମିଟୁ) ଓ ଝୁନୁଲତା ମଧ୍ୟରେ କିଛିଦିନ ହେଲା ବିବାଦ ଲାଗି ରହିଥିଲା । ଗତ ୧୯ ତାରିଖ ପୂର୍ବାହ୍ନରେ ଅଶୋକ ଜାରକା କାର୍ ଷ୍ଟାଣ୍ଡରେ ଡ୍ରାଇଭରଙ୍କ ସହିତ ଆଲୋଚନା କରୁଥିବା ବେଳେ ଝୁନୁ ପହଁଚି ଅଶୋକଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ମାରପିଟ୍ କରିଥିଲା । ଏହାକୁ ବିରୋଧ କରିବାରୁ ଝୁନୁ ହଠାତ୍ ଅଶୋକଙ୍କ ଉପରକୁ ଏସିଡ୍ ଫିଙ୍ଗିଥିଲା । ଏସିଡ୍ ଅଶୋକଙ୍କ ସାର୍ଟପ୍ୟାଣ୍ଟରେ ପଡ଼ିବାରୁ ସେ ଅଳ୍ପକେ ବର୍ତି ଯାଇଥିଲେ । ଏଥିରେ ଝରଣା ଓ ହେମନ୍ତ ସହଯୋଗ କରିଥିଲେ । ଏ ସଂପର୍କରେ ଆଶୋକ ଗତ ୨୦ ତାରିଖରେ ଜାରକା ପୁଲିସ୍ ବିଟ୍ ହାଉସ୍‌ରେ ଏତଲା ଦେଇଥିଲେ । ପୁଲିସ୍ ୬୯୩/୨୨ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ସହିତ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିଥିଲା । ଉଲ୍ଲେଖଯୋଗ୍ୟ, ଝୁନୁଲତା ନାଁରେ ଥାନା ଓ ଫାଣ୍ଡିରେ ଏକାଧିକ ମାମଲା ରହିଥିଲା । ସହଯୋଗୀ ଝରଣା ଓ ହେମନ୍ତ ବିଭିନ୍ନ ମାମଲାରେ ତା' ସପକ୍ଷରେ ସାକ୍ଷୀ ଦେଉଥିଲେ ।

# ଦରଦାମ ବୃଦ୍ଧି ବିରୋଧରେ ପ୍ରତିବାଦ ଆନ୍ଦୋଳନ ପାଇଁ ବାମପନ୍ଥୀ ଦଳମାନଙ୍କର ଆହ୍ୱାନ

ଭୁବନେଶ୍ୱର (ପିଏନ୍): ସମସ୍ତ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷପତ୍ରର ଦରଦାମ ଆକାଶ ଛୁଆଁ ଯୋଗୁଁ ସାଧାରଣ ଲୋକଙ୍କ ଜୀବନ ଅତିଷ୍ଠ ହୋଇ ପଡିଲାଣି । କୋଟି କୋଟି ଲୋକ ଦାରିଦ୍ର୍ୟ ମଧ୍ୟକୁ ଠେଲି ହୋଯାଉଛନ୍ତି । ଦରଦାମ ବୃଦ୍ଧି ସହିତ ବେକାରୀ ଭୟଙ୍କର ଭାବେ ବୃଦ୍ଧି ପାଇବା ଯୋଗୁଁ ଲୋକଙ୍କ ଦୁର୍ଦ୍ଦଶା ବହୁ ଗୁଣ ବୃଦ୍ଧି ପାଉଛି ।

ଗତ ଏକ ବର୍ଷ ମଧ୍ୟରେ ପେଟ୍ରୋଲଜାତ ସାମଗ୍ରୀର ଦର ଶତକଡା ୭୦ ଭାଗ, ପନିପରିବା ଶତକଡା ୨୦ ଭାଗ, ଖାଇବା ତେଲା ଶତକଡା ୨୩ ଭାଗ ଏବଂ ଡାଲିର ଦର ଶତକଡା ୮ ଭାଗ ବୃଦ୍ଧି ପାଇଛି । ପରିବାରର ଅନ୍ୟତମ ମୁଖ୍ୟ ଖାଦ୍ୟ ଗହମର ଦର ଶତକଡା ୧୪ ଭାଗ ବୃଦ୍ଧି ଯୋଗୁଁ ସାଧାରଣ ଲୋକେ କିଣିବା ଅସମ୍ଭବ ହୋଇ ପଡିଛି । ସରକାରଙ୍କ ପକ୍ଷରୁ ଗତ ବର୍ଷ ତୁଳନାରେ ଅର୍ଦ୍ଧେକ ପରିମାଣ ମାତ୍ର ଗହମ ସଂଗୃହିତ ହୋଇଛି । ଗତ ବର୍ଷ ୪୪.୪ ମେଟ୍ରିମ୍ ଟନ ଗହମ କେନ୍ଦ୍ର ସରକାର ସଂଗ୍ରହ କରିଥିବା ବେଳେ ଚଳିତ ବର୍ଷ ଏହା ୨୦ ମେଟ୍ରିକ୍ ଟନ୍‌ରୁ ବେଶି ହେବ ନାହିଁ । ଓଡିଶାରେ ଖରିଫରେ ଅମଳ କରିଥିବା ଧାନ ପ୍ରାୟ ୪ ଲକ୍ଷ ଚାଷୀ ସରକାରୀ ମଣ୍ଡିରେ ଟୋକେନ ପାଇଥିଲେ ସୁଦ୍ଧା ବିକ୍ରୀ କରିପାରିନାହାନ୍ତି । ଫଳରେ ଚାଷୀମାନେ କ୍ୟୁଣ୍ଟାଲ ପ୍ରତି ୧୦୦୦/୧୨୦୦ ଟଙ୍କାରେ ଧାନ ବିକ୍ରୀ କରି ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଛନ୍ତି ।

ଧାରାବାହିକ ଭାବେ ପେଟ୍ରୋଲ ଜାତ ସାମଗ୍ରୀ, ରନ୍ଧନଗ୍ୟାସ ସିଲିଣ୍ଡର ଏବଂ ଗହମର ଉତ୍କଟ ଅଭାବ ଯୋଗୁଁ ଦେଶର ସାମଗୀକ ଭାବେ ମୁଦ୍ରାସ୍ଫିତି ବୃଦ୍ଧି ପାଇଛି । ଏତିକି ବେଳେ ପୁଣି ବିଜୁଳି ଦର ବୃଦ୍ଧି, ଘନ ଘନ ବିଦ୍ୟୁତ୍ କାଟ ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ।

ଏଭଳି ସ୍ଥିତିରେ ଦରଦାମ ବୃଦ୍ଧିରେ ଅଙ୍କୁଶ ଲଗାଇ ଲୋକଙ୍କୁ ବଞ୍ଚାଇବା ପାଇଁ ସି.ପି.ଆଇ.(ଏମ୍), ସି.ପି.ଆଇ.,, ସି.ପି.ଆଇ.ଏମ୍.ଏଲ୍.(ଲିବରେସନ୍), ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ ଭଳି ବାମପନ୍ଥୀ ଦଳମାନେ, କେନ୍ଦ୍ର ସରକାର ତୁରନ୍ତ ପେଟ୍ରୋଲଜାତ ସାମଗ୍ରୀ ଉପରେ ଆଦାୟ କରୁଥିବା ସେସ/ସରଚାର୍ଜ ପ୍ରତ୍ୟାହାର କରି ଦର କମାଇବା ଏବଂ ରନ୍ଧନଗ୍ୟାସ ସିଲିଣ୍ଡର ଦର କମାଇବା ପାଇଁ ଦାବୀ କରିଛନ୍ତି । ଏତଦ୍ ବ୍ୟତୀତ , ସରକାରୀ ଖୁଚୁରା ବିକ୍ରି କେନ୍ଦ୍ରରେ ଗହମ ସରକାରୀ ଦରରେ ଉପଲବ୍ଧ କରିବା ଏବଂ ଗଣ ବଣ୍ଟନ ବ୍ୟବସ୍ଥାକୁ ସୁଦୃଢ଼ କରି ଖାଇବା ତେଲ, ଡାଲି ସମେତ ସମସ୍ତ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ଯୋଗାଣ, ଆୟକର ଦେଉନଥିବା ପରିବାର ଗୁଡିକୁ ମାସିକ ୭୫୦୦/- ଟଙ୍କା ନଗଦ ଦେୟ ଦେବାକୁ ବାମପନ୍ଥୀ ଦଳମାନେ ଦାବୀ କରିଛନ୍ତି ।

ବେକାରୀ, ବେରୋଜଗାରୀ ଦୂରିକରଣ ଲାଗି ଜାତୀୟ ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମ ଯୋଗାଣ ଆଇନ (ଗଏଘଜରଏଇ) ରେ ଅଧିକ ବ୍ୟୟ ବରାଦ, ସହରାଞ୍ଚଳରେ କର୍ମନିଯୁକ୍ତି ନିଶ୍ଚିତ କରିବା ଲାଗି ସ୍ୱତନ୍ତ୍ର ଆଇନ ପ୍ରଣୟନ, ସମସ୍ତ ଖାଲିଥିବା ପଦବୀ ପୂରଣ ଏବଂ ନିଯୁକ୍ତି ନଚେତ ବେକାରୀ ଭତ୍ତା ପାଇଁ ଦାବୀ କରାଯାଇଛି । ଚଳିତ ମଇ ମାସ ୨୫ରୁ ୩୧ ପର୍ଯ୍ୟନ୍ତ ବାମପନ୍ଥୀ ଦଳଗୁଡିକ ଦେଶବ୍ୟାପି ପ୍ରତିବାଦ ଆନ୍ଦୋଳନ ପାଇଁ ଆହ୍ୱାନ କରିଛନ୍ତି । ଓଡିଶାର ସର୍ବତ୍ର ଏହି ଆନ୍ଦୋଳନକୁ ସଫଳ କରିବାକୁ ଶ୍ରୀ ଆଶିଷ୍ କାନୁନ୍‌ଗୋ, ସଂପାଦକ ସି.ପି.ଆଇ. ଓଡିଶା ରାଜ୍ୟ କାଉନ୍‌ସିଲ୍ , ଅଳି କିଶୋର ପଟ୍ଟନାୟକ, ସମ୍ପାଦକ ସି.ପି.ଆଇ.(ଏମ୍) ଓଡିଶା ରାଜ୍ୟ କମିଟି, ଯୁଧିଷ୍ଠିର ମହାପାତ୍ର, ସି.ପି.ଆଇ.(ଏମ୍.ଏଲ୍) ଲିବରେସନ୍ ଓଡିଶା ରାଜ୍ୟ କମିଟି, ଜ୍ୟୋତି ରଞ୍ଜନ ମହାପାତ୍ର ସାଧାରଣ ସମ୍ପାଦକ ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ ଓଡିଶା ରାଜ୍ୟ କମିଟି ପକ୍ଷରୁ ଏକ ମିଳିତ ବିବୃତ୍ତିରେ ନିବେଦନ କରିଛନ୍ତି ।

## କୃଷି ବିଜ୍ଞାନ କେନ୍ଦ୍ରରେ ଜିଲ୍ଲାସ୍ତରୀୟ କୃଷି ଦିବସ ପାଳିତ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କପାଳେଶ୍ୱର ପଞ୍ଚାୟତର ଜଜାଙ୍ଗସ୍ଥିତ କୃଷି ବିଜ୍ଞାନ କେନ୍ଦ୍ରରେ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଜିଲ୍ଲା ସ୍ତରୀୟ କୃଷି ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଅନୁଷ୍ଠିତ ଉତ୍ସବରେ କେନ୍ଦ୍ରାପଡା ବିଧାୟକ ଶଶିଭୂଷଣ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃଷିର ବିକାଶ ହେଲେ ରାଜ୍ୟର ବିକାଶ ହୋଇପାରିବ ବୋଲି କହିଥିଲେ। ଏଥିସହିତ ବିଧାୟକ ଶ୍ରୀ ବେହେରା ଅକ୍ଷିମୁଠି ବୁଣି ଶୁଭ ଅନୁକୂଳ କରିଥିଲେ । ଏହି ଉପଲକ୍ଷେ ଅନୁଷ୍ଠିତ ଉତ୍ସବରେ କେନ୍ଦ୍ରାପଡା ବ୍ଲକ ଉପାଧ୍ୟକ୍ଷ ପ୍ରତାପ ନାରାୟଣ ମହାପାତ୍ର, ଜିଲ୍ଲା ପରିଷଦ ସଭ୍ୟା ନିର୍ମଳା ମହାନ୍ତି, ରଶ୍ମି ରଞ୍ଜନ ରାଉତ, ମଧୁଚ୍ଛନ୍ଦା ମହାନ୍ତି, ଲିଲିତା ଦାସ, କପାଳେଶ୍ୱର ପଞ୍ଚାୟତ ସରପଞ୍ଚ କଳ୍ପନା ମହାନ୍ତି, ବରିଷ୍ଠ ରାଜନେତା ଭଜକୃଷ୍ଣ ରାଉତ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଚାଷୀମାନଙ୍କ ବିକାଶ ପାଇଁ ରାଜ୍ୟ ସରକାର କିଭଳି କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ସେ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । କେନ୍ଦ୍ରାପଡା ଉଦ୍ୟାନ କୃଷି ବିଭାଗର ସହକାରୀ ନିର୍ଦ୍ଦେଶକ କନ୍ଦ ଜେନା, ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀ ଆଶୋକ କୁମାର ସାମଲ, 'ଆତ୍ମା'ର ଉପପ୍ରକଳ୍ପ ନିର୍ଦ୍ଦେଶକ ମନୋରଞ୍ଜନ ରାଉଳ, ଜିଲ୍ଲା କୃଷି କାର୍ଯ୍ୟାଳୟର ଯୋଜନା ଅଧିକାରୀ ପ୍ରଦୀପ୍ତ ଘୋଷ, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟ ଡଃ. ସୂର୍ଯ୍ୟ ନାରାୟଣ ମିଶ୍ର, ଉଦ୍ୟାନ କୃଷି ବିଭାଗ ବୈଜ୍ଞାନିକ ପ୍ରଭଞ୍ଜନ ମିଶ୍ର, କୃଷି ବିଭାଗର କାର୍ଯ୍ୟକ୍ରମ ସହାୟକ ପ୍ରଭାତ କୁମାର ସାହୁ, ମତ୍ସ୍ୟ ବିଭାଗ ବୈଜ୍ଞାନିକ ମାନସ ରଞ୍ଜନ ବେହେରା ଓ ମାତୃପ୍ରସାଦ ମହାନ୍ତି ପ୍ରମୁଖ ଉତ୍ସବରେ ଯୋଗଦେଇ ଚାଷୀମାନଙ୍କୁ କିଭଳି ଧାନ ଚାଷଠାରୁ ଆରମ୍ଭ କରି ମାଛ, ପନିପରିବା ଏବଂ ଅନ୍ୟାନ୍ୟ ଚାଷ ସମ୍ପର୍କରେ ବୁଝାଇଥିଲେ । ଶେଷରେ କୃଷି ବିଜ୍ଞାନ କେନ୍ଦ୍ର ଗୃହବିଜ୍ଞାନ ବିଭାଗର ବୈଜ୍ଞାନିକନମିତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ତୁମୁଡିବନ୍ଧ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଗୁରୁ ଦିବସ ପାଳିତ

କନ୍ଧମାଳ, (ପି.ଏନ): ତୁମୁଡିବନ୍ଧ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ପୂର୍ବତନ ରାଷ୍ଟ୍ରପତି, ବିଶିଷ୍ଟ ଦାର୍ଶନିକ ତଥା ମହାନ ଶିକ୍ଷକ ସର୍ବପଲ୍ଲୀ ରାଧାକ୍ରିଷ୍ଣାନଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ତୁମୁଡିବନ୍ଧ ଗୋଷ୍ଠୀ ଶିକ୍ଷା ଅଧିକାରୀ ପବିତ୍ର ଗଡତିଆ (ଓଏସ) ଯୋଗଦେଇ ଗୁରୁ ସମାଜଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ଗୁରୁ ହିଁ ସମାଜର ନିର୍ମାତା ବୋଲି ଉଲ୍ଲେଖ କରିଥିଲେ। ଅତି ଭାବବିହ୍ୱଳ ଭାବରେ ତାଙ୍କର ପିଲାଦିନର ସ୍ମୃତି ବର୍ଣ୍ଣନା କରିବା ସହ ଗୁରୁଙ୍କ ସ୍ନେହ, ଆକଟ ପାଇଁ ସେ ଆଜି ଏହି ପଦବୀରେ ପହଂଚି ପାରିଛନ୍ତି ବୋଲି ସ୍ମୃତି ରୋମନ୍ଥନ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜନାର୍ଦ୍ଦନ ପାଣିଗ୍ରାହୀ ଓ ବେନର୍ବାହଲ କ୍ଲଷ୍ଟରର ସି.ଆର.ସି.ସି. କୁମର ପରାସେଠ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରାଧାକ୍ରିଷ୍ଣନଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ପୂଜ୍ୟପୂଜାକୁ ସମ୍ମାନ ଜଣାଇ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବେଣୁଧର ମାଝୀଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରଧାନ ଆଚାର୍ଯ୍ୟ କୈଳାଶ ଚନ୍ଦ୍ର ଧଳ ଅତିଥିମାନଙ୍କ ପରିଚୟ ପ୍ରଦାନ କରିବା ସହ ଦିବସର ଉଦ୍ଦେଶ୍ୟ ଉପରେ ଅବଗତ କରାଇଥିଲେ। ଏଥିରେ ବିଦ୍ୱତ ପରିଷଦର ସଭାପତି ବିଭୁତି ଭୂଷଣ ମଲ୍ଲିକ, ଉପସଭାପତି ପ୍ରସନ୍ନ ସାହୁ, ସହ ସମ୍ପାଦକ ମୁରଲୀଧର ମହାପାତ୍ର, ସଦସ୍ୟ ସୁଶାନ୍ତ ପାତ୍ର ସମେତ ଆଚାର୍ଯ୍ୟା ସସ୍ମିତା ପଣ୍ଡା, ଜ୍ୟୋସ୍ନାରାଣୀ ପାତ୍ର, ଜ୍ୟୋସ୍ନାରାଣୀ କହଁର, କେତକୀ ନାୟକ, ସ୍ନେହଲତା ଲେଙ୍କା, ଯଶୋଦା ପାତ୍ର ପ୍ରମୁଖ ସହଯୋଗ କରିଥିଲେ।

DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road, Nayapalli, BBSR
Tel (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




## ବିକ୍ରମଦେବ ବିଶ୍ୱ ବିଦ୍ୟାଳୟ ସମ୍ମୁଖରେ ଧାରଣା ଦେଲା ଛାତ୍ର କଂଗ୍ରେସ

ପଟାଙ୍ଗି:(ପି ଏ ନ) କୋରାପୁଟ ଜିଲ୍ଲାର ଜୟପୁର ବିକ୍ରମ ଦେବ ବିଶ୍ୱ ବିଦ୍ୟାଳୟ ଜୟପୁର ଠାରେ ଛାତ୍ର ଅଶାନ୍ତି ଦେଖାଯାଇଛି । ବିଶ୍ୱ ବିଦ୍ୟାଳୟ ପରିସରରେ ଛାତ୍ର ମାନେ ଏକତ୍ରିତ ହୋଇ ପ୍ରଶାସନିକ ଭବନ ନିକଟରେ ବିକ୍ଷୋଭ କରିଥିଲେ। ବିଶ୍ୱ ବିଦ୍ୟାଳୟର କୁଳ ସଚିବ ଗୋପାଳ ହାଲଦାର ବୁଝା ସୁଝା କରିଥିଲେ । କିନ୍ତୁ ଛାତ୍ରମାନେ ନ ମାନି ମୁଖ୍ୟ ଫାଟକରେ ଧାରଣା ଦେଇଥିଲେ ।କୋରାପୁଟ ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ପ୍ରଣୟ ଶର୍ମା,ପଟାଙ୍ଗି ଛାତ୍ର କଂଗ୍ରେସ ସଭାପତି ଡମ୍ବୁରୁ ଗୁଣ୍ଡା ଙ୍କ ନେତୃତ୍ୱରେ ଛାତ୍ର ମାନେ ଧାରଣା ଦେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ସଭାପତି ଶର୍ମାଙ୍କ କହିବା ଅନୁଯାୟୀ ତୁରନ୍ତ ବିଶ୍ୱ ବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ କରିବା, ବିଶ୍ୱ ବିଦ୍ୟାଳୟରେ ଖାଲି ପଡିଥିବା ଅଧ୍ୟାପକ ପଦବୀ ପୁରଣ ଓ ଅନ୍ୟାନ୍ୟ ଛାତ୍ର ସମ୍ପର୍କିତ ସମସ୍ୟାର ସମାଧାନ, ବିଶ୍ୱବିଦ୍ୟାଳୟରେ ନୁତନ କ୍ୟାଂଟିନ ପ୍ରତିଷ୍ଠା କରିବ, ନୁତନ କନଫରେନ୍ସ ହଲ ପ୍ରତିଷ୍ଠା କରିବା, କମର୍ସ ବିଭାଗକୁ ବିଶେଷ ପ୍ରଧାନ୍ୟ ଦେବା, ବିଶ୍ୱ ବିଦ୍ୟାଳୟରେ ଛାତ୍ର ଛାତ୍ରୀ ମାନଙ୍କ ଗାଡି ରଖିବା ପାଇଁ ପାର୍କିଂର ବ୍ୟବସ୍ଥା କରିବା ଆଦି ଦାବି ରହିଛି ।ଏନେଇ ଛାତ୍ର ମାନେ ମୁଖ୍ୟ ଗେଟ ନିକଟରେ ଧାରଣା ଦେଇ ବିକ୍ଷୋଭ କରିଥିଲେ । ୭ ଦିନ ଭିତରେ କ୍ୟାଂଟିନ କାର୍ଯ୍ୟ ଆରମ୍ଭ କରିବା, ପାର୍କିଂ ବ୍ୟବସ୍ଥା କରିବା ଆଦି କୁଳ ସଚିବ ହାଲଦାର ପ୍ରତିଶ୍ରୁତି ଦେବାରୁ ଧାରଣାରୁ ହ୍ଟାଇ ଥିଲେ ।ଏ ଦିଗରେ ପ୍ରଶାସନ, ଲୋକ ପ୍ରତିନିଧି, ବିଧାୟକ, ସାଂସଦ, ବୁଦ୍ଧିଜୀବୀ ମାନେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଇବା ଆବଶ୍ୟକ ବୋଲି ଶିକ୍ଷାବିତ୍ ଛାତ୍ର ଛାତ୍ରୀ ମାନେ ମତ ପ୍ରକାଶ କରିଛନ୍ତି। ଉପରୋକ୍ତ ଦାବୀ ଗୁଡ଼ିକ ତୁରନ୍ତ ସମାଧାନ କରାନଯାଏ, ତାହା ହେଲେ ଭବିଷ୍ୟତରେ କୋରାପୁଟ ଜିଲ୍ଲା ଛାତ୍ର କଂଗ୍ରେସ ପକ୍ଷରୁ ଆନ୍ଦୋଳନ ଗ୍ରହଣ କରିବାକୁ ବାଧ ହେବୁ ବୋଲି ପଟାଙ୍ଗି ଛାତ୍ର କଂଗ୍ରେସ ସଭାପତି ଡମ୍ବୁରୁ ଗୁଣ୍ଡା ମତ ପ୍ରକାଶ କରିଛନ୍ତି।

## ମନ୍ଦିରର ବିକାଶ ସହ ମରାମତି ପାଇଁ ହେଲା ଶୁଭାରମ୍ଭ

ଜୟପୁର, (ପି.ଏନ):- ଜୟପୁର ସହରର ୪ଟି ମନ୍ଦିରର ବିକାଶ ସହ ମରାମତି ପାଇ ଶୁଭାରମ୍ଭ ହୋଇଛି । ଜୟପୁରର ଜଗନ୍ନାଥ ମନ୍ଦିର, ବଲ୍ଲଭ ନାରାୟଣ ମନ୍ଦିର, ମା ଭଗବତୀ ମନ୍ଦିର ଓ ଲକ୍ଷ୍ମୀ ମନ୍ଦିରର ବିକାଶ ଓ ମରାମତି ପାଇ ଶୁଭ ଦିଆଯାଇଛି । ଏହି କାର୍ଯ୍ୟକ୍ରମରେ ଜଗନ୍ନାଥ ମନ୍ଦିର ନିର୍ମାଣ କରିଥିବା କାରିଗର କାର୍ତିକ ମହାରଣା ରାସ୍ତା ଓ ଗୃହ ବିଭାଗର ଅଧିକ୍ଷଣ ଯନ୍ତ୍ରୀ କ୍ଷୀରଧର କନ୍ଦପାଣୀ, ଏସଡିପିଓ ସୋମନାଥ ତ୍ରିପାଠୀ, ତହସିଲଦାର ସାଗରିକା ଷଡଙ୍ଗୀ , ଜଗନ୍ନାଥ ସେବା ସମିତିର ସଭାପତି ନଟେନ୍ଦ୍ର ନାଥ ନାୟକ, ସମ୍ପାଦକ ସ୍ୱାଧିନ କୁମାର ସାହୁ ସହ ଦେବୋତର ବିଭାଗର ଉପଦେଷ୍ଟା ସଦସ୍ୟ ମାନେ ଉପସ୍ଥିତ ରହି ମନ୍ଦିରର ଉନ୍ନତି କରଣ ଓ ମତାମତି ପାଇ ଶୁଭାରମ୍ଭ କରାଯାଇଛି । ଜଗନ୍ନାଥ ଓ ବଲ୍ଲଭ ନାରାୟଣଙ୍କ ନିକଟରେ ପୁଜା ପାଠ କରାଯାଇ ଜଗନ୍ନାଥ ମନ୍ଦିର ନିର୍ମାଣ କରିଥିବା କାରିଗର ଶୁଭାରମ୍ଭ କରିଥିଲେ । ଗତ ଦିନ ରେ ୫-ଟି ସଚିହ ଭି କେ ପାଣ୍ଡିଆନ ଜଗନ୍ନାଥ ମନ୍ଦିର, ଭଗବତୀ ମନ୍ଦିର ଓ ବଲ୍ଲଭ ନାରାୟଣ ମନ୍ଦିର ପରିଦର୍ଶନ କରି ମନ୍ଦିରର ବିକାଶ ଓ ମରାମତି ପାଇ ୧ କୋଟି ୨୦ ଟଙ୍କାର ସ୍ୱତନ୍ତ୍ର ଅନୁଦାନ ମଞ୍ଜୁର ହୋଇଛି । ଏଠାରେ ଜଗନ୍ନାଥମନ୍ଦିର କବାଟ, ମୁଖ୍ୟ ଗେଟ, ନାଟ୍ୟ ମନ୍ଦିର କାମ ବଲ୍ଲଭ ନାରାୟଣ ମନ୍ଦିରର ମରାମତି ଭଗବତୀ ମନ୍ଦିରର ଦ୍ୱାରାପାଳ, ଲକ୍ଷ୍ମୀ ମନ୍ଦିର ସହ ରେଲିଂ ଆଦି କାର୍ଯ୍ୟ ହେବାକୁ ଯାଉଛି ।

## ଫାଇନାନ୍ସ ଟଙ୍କା କିସ୍ତି ନବାନ୍ଧିବାରୁ ଯୁବକକୁ ହତ୍ୟା ମାମଲା ମୁଖ୍ୟ ଅଭିଯୁକ୍ତ ଗିରଫ, ଛୁରି ଜବତ

ଜୟପୁର, (ପି.ଏନ): ଫାଇନାନ୍ସ ଟଙ୍କା କିସ୍ତି ନବାନ୍ଧିବାରୁ ଯୁବକକୁ ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତକୁ ବାମୁଣି ଗାଁରୁ ଗିରଫ କରିଛି ଜୟପୁର ଟାଉନ ପୋଲିସ । ଗିରଫ ଅଭିଯୁକ୍ତ ଜଣକ ହେଲା ବୈପାରିଗୁଡା କଦମଗୁଡାର ପ୍ରତ୍ୟୁଷ କାନ୍ତ ଦାସ (୨୫) । ଗିରଫ ଅଭିଯୁକ୍ତ ଠାରୁ ଛୁରି ଜବତ କରିଛି ପୋଲିସ । ଫାଇନାନ୍ସ ଟଙ୍କା କିସ୍ତି ନବାନ୍ଧିବାରୁ ଜୟପୁର ଭେଟନାରି କଲୋନିର ବିପିନ ବାହାଦୁରକୁ ହତ୍ୟା କରାଯାଇଥିଲା। ଗତ ୧୨ ତାରିଖ ଦିନ ବିପିନ ବାହାଦୁର ଡ୍ୟୁଟି ଯାଉଥିବା ବେଳେ ପାଓାର ହାଉସ ରିଙ୍ଗରୋଡରେ ଥିବା ମହାଦେବ ଷ୍ଟକୟାର୍ଡ ପାଖରେ ଅଭିଯୁକ୍ତ ପ୍ରତ୍ୟୁଷ କାନ୍ତ ଦାସ ଛୁରିରେ ଆକ୍ରମଣ କରିଥିଲା । ଛୁରିଟି ବିପିନର ପେଟରେ ବାଜିଥିଲା । ଏନେଇ ସେ ଗୁରୁତର ହୋଇପଡିଥିଲେ । ତାଙ୍କୁ ପ୍ରଥମେ ଜୟପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଅବସ୍ଥା ଗୁରୁତର ହେବାରୁ ବିଶାଖାପାଟଣା ସ୍ଥାନାନ୍ତର କରାଯାଇଥିଲ । ଚିକିତ୍ସାଧିନ ଅବସ୍ଥାରେ ଗତ ୧୪ ତାରିଖରେ ବିପିନର ମୃତ୍ୟୁ ହୋଇଥିଲା । ପୋଲିସ ସୂଚନା ଅନୁଯାଇ ଜୟପୁର ଭେଟନେରି କଲୋନିର ବିପିନ ବାହାଦୁର (୪୨) ଙ୍କ ଭାଇ ଯକ୍ଷ ବାହାଦୁର ଏକ ଆଲଟୋ କାର ଫାଇନାନାନ୍ସରେ ଆଣିଥିଲେ । ଉକ୍ତ ଆଲୋଟ କାରୁ ବିପିନି ବାହାଦୁର ଚଲାଉଥିଲେ। ଉକ୍ତ କାର ଟାଟା ଫାଇନାନ୍ସରୁ ଫାଇନାନ୍ସ କରିଥିଲେ । ୧୨ଟି କିସ୍ତି ବାନ୍ଦିନଥିଲେ । ତେବେ ଏହି କମ୍ପାନିର ଏଜେଂଟ ପ୍ରତ୍ୟୁଷ ଦାସ ସହ ଏହି ଘଟଣା କୁ ନେଇ ବଚସା ହୋଇଥିଲା ଏଥିରେ ଉତ୍ୟକ୍ତ ହୋଇ ପଡିଥିଲେ ଅଭିଯୁକ୍ତ ପ୍ରତ୍ୟୁଷ କାନ୍ତ ଦାସ । ଫଳରେ ବିପିନର ଦେହରେ ଅଭିଯୁକ୍ତ ପ୍ରତ୍ୟୁଷ ଛୁରି ଆକ୍ରମଣ କରିଥିଲେ। ଏନେଇ ବିପିନର ଭାଇ ଯକ୍ଷ ବାହାଦୁର ଜୟପୁର ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ଅଭିଯୁକ୍ତ ପ୍ରତ୍ୟୁଷ ଦାସ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଜୟପୁର ଟାଉନ ଥାନା ଅଧିକାରି ସତ୍ୟା ନନ୍ଦ ପାତ୍ର ସୂଚନା ଦେଇଛନ୍ତି ।

## ପାଣିକୋଇଲି ମୁଖ୍ୟ ରାସ୍ତାରେ ଚାଲୁଛି ପାଣି, ପରିବର୍ତନ କେବେ ?

କୋରେଇ, (ପି.ଏନ): ଜାତୀୟ ରାଜପଥ ୧୬ରୁ ପାଣିକୋଇଲି ପଂଚାୟତ କାର୍ଯ୍ୟାଳୟର ମୁଖ୍ୟ ରାସ୍ତାରେ ଅନବରତ ଚାଲୁଛି ପାଣି । ଏହି ରାସ୍ତାରେ ବିଦ୍ୟୁତ କାର୍ଯ୍ୟାଳୟ, ରାଜସ୍ୱ ନିରିକ୍ଷକ କାର୍ଯ୍ୟାଳୟ, ମୁଖ୍ୟ ଡାକଘର, ଶ୍ରୀମା ଅରବିନ୍ଦ ଆଶ୍ରମ ଓ ବିଦ୍ୟାଳୟ, ବିଦ୍ୟା କଲେଜ ଅବସ୍ଥିତ । ଏଥି ସହିତ ଅଳତିରି ଓ ପାଣିକୋଇଲି ଗ୍ରାମର ମଧ୍ୟ ମୁଖ୍ୟ ରାସ୍ତା ଅଟେ । ରାଜପଥ କଡରେ ହୋଇଥିବା ସଂଯୋଗୀ କରଣ ରାସ୍ତା ଅର୍ଦ୍ଧ ନିର୍ମିତ ଅବସ୍ଥାରେ ରହିଛି । ଫଳରେ ରାସ୍ତା ପରେ ହେଉଥିବା ନାଳ (ଡ୍ରେନ) ମଧ୍ୟ କରାଯାଇ ନାହିଁ । ଯାହା ଫଳରେ ରାଜପଥରୁ ନିଷ୍କାସିତ ବର୍ଷା ଜଳ ଏହି ରାସ୍ତା ଦେଇ ଗଡି ଚାଲିଛି । ଯାହା ଦ୍ୱାରା ସବୁ ସମୟରେ ପାଣି ଚାଲୁ ରହିଛି । ଫଳରେ ଏହି ରାସ୍ତାରେ ବିଶେଷକରି ପଥଚାରୀ ଓ ବିଦ୍ୟାଳୟକୁ ଆସୁଥିବା ଛାତ୍ର/ଛାତ୍ରୀ ମାନେ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି ।

## ବିକ୍ରମଦେବ ବିଶ୍ୱ ବିଦ୍ୟାଳୟ ସମ୍ମୁଖରେ ଧାରଣା ଦେଲା ଛାତ୍ର କଂଗ୍ରେସ

ପଟାଙ୍ଗି:(ପି ଏ ନ) କୋରାପୁଟ ଜିଲ୍ଲାର ଜୟପୁର ବିକ୍ରମ ଦେବ ବିଶ୍ୱ ବିଦ୍ୟାଳୟ ଜୟପୁର ଠାରେ ଛାତ୍ର ଅଶାନ୍ତି ଦେଖାଯାଇଛି । ବିଶ୍ୱ ବିଦ୍ୟାଳୟ ପରିସରରେ ଛାତ୍ର ମାନେ ଏକତ୍ରିତ ହୋଇ ପ୍ରଶାସନିକ ଭବନ ନିକଟରେ ବିକ୍ଷୋଭ କରିଥିଲେ। ବିଶ୍ୱ ବିଦ୍ୟାଳୟର କୁଳ ସଚିବ ଗୋପାଳ ହାଲଦାର ବୁଝା ସୁଝା କରିଥିଲେ । କିନ୍ତୁ ଛାତ୍ରମାନେ ନ ମାନି ମୁଖ୍ୟ ଫାଟକରେ ଧାରଣା ଦେଇଥିଲେ ।କୋରାପୁଟ ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ପ୍ରଣୟ ଶର୍ମା,ପଟାଙ୍ଗି ଛାତ୍ର କଂଗ୍ରେସ ସଭାପତି ଡମ୍ବୁରୁ ଗୁଣ୍ଡା ଙ୍କ ନେତୃତ୍ୱରେ ଛାତ୍ର ମାନେ ଧାରଣା ଦେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ସଭାପତି ଶର୍ମାଙ୍କ କହିବା ଅନୁଯାୟୀ ତୁରନ୍ତ ବିଶ୍ୱ ବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ କରିବା, ବିଶ୍ୱ ବିଦ୍ୟାଳୟରେ ଖାଲି ପଡିଥିବା ଅଧ୍ୟାପକ ପଦବୀ ପୁରଣ ଓ ଅନ୍ୟାନ୍ୟ ଛାତ୍ର ସମ୍ପର୍କିତ ସମସ୍ୟାର ସମାଧାନ, ବିଶ୍ୱବିଦ୍ୟାଳୟରେ ନୁତନ କ୍ୟାଂଟିନ ପ୍ରତିଷ୍ଠା କରିବ, ନୁତନ କନଫରେନ୍ସ ହଲ ପ୍ରତିଷ୍ଠା କରିବା, କମର୍ସ ବିଭାଗକୁ ବିଶେଷ ପ୍ରଧାନ୍ୟ ଦେବା, ବିଶ୍ୱ ବିଦ୍ୟାଳୟରେ ଛାତ୍ର ଛାତ୍ରୀ ମାନଙ୍କ ଗାଡି ରଖିବା ପାଇଁ ପାର୍କିଂର ବ୍ୟବସ୍ଥା କରିବା ଆଦି ଦାବି ରହିଛି ।ଏନେଇ ଛାତ୍ର ମାନେ ମୁଖ୍ୟ ଗେଟ ନିକଟରେ ଧାରଣା ଦେଇ ବିକ୍ଷୋଭ କରିଥିଲେ । ୭ ଦିନ ଭିତରେ କ୍ୟାଂଟିନ କାର୍ଯ୍ୟ ଆରମ୍ଭ କରିବା, ପାର୍କିଂ ବ୍ୟବସ୍ଥା କରିବା ଆଦି କୁଳ ସଚିବ ହାଲଦାର ପ୍ରତିଶ୍ରୁତି ଦେବାରୁ ଧାରଣାରୁ ହ୍ଟାଇ ଥିଲେ ।ଏ ଦିଗରେ ପ୍ରଶାସନ, ଲୋକ ପ୍ରତିନିଧି, ବିଧାୟକ, ସାଂସଦ, ବୁଦ୍ଧିଜୀବୀ ମାନେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଇବା ଆବଶ୍ୟକ ବୋଲି ଶିକ୍ଷାବିତ୍ ଛାତ୍ର ଛାତ୍ରୀ ମାନେ ମତ ପ୍ରକାଶ କରିଛନ୍ତି।

## ଜିଲା ପ୍ରଶାସନର ଦୃଷ୍ଟି ଆଢୁଆଳରେ ମହାପୁରୁଷଙ୍କ ପୀଠ : ଭକ୍ତମନରେ ଘୋର ଅସନ୍ତୋଷ

ଧର୍ମଶାଳା,(ପି.ଏନ): ରାଜ୍ୟ ସରକାର ମଠ ଓ ମନ୍ଦିରର ବିକାଶ କରୁଛନ୍ତି । ଏ ନେଇ ଲକ୍ଷଲକ୍ଷ ଟଙ୍କା ବ୍ୟୟ ବରାଦ କରୁଛନ୍ତି । କିନ୍ତୁ ଅନେକ ଛୋଟ ବଡ ସ୍ଥାନକାନଙ୍କରେ ମଠ ଓ ମନ୍ଦିର ବିକାଶର ଆବଶ୍ୟକତା ରହିଥିଲେ ମଧ ତାହାର ବିକାଶ ହେବା ତ ଦୂରର କଥା ତାହା ଜିଲା ପ୍ରଶାସନର ମଧ ନଜର ପଡୁ ନାହିଁ । ଯାଜପୁର ଜିଲା ପ୍ରଶାସନର ଦୃଷ୍ଟି ଆଢୁଆଳରେ ଲୁଚି ରହିଛି ଅନେକ ମହାପୁରୁଷଙ୍କ ପୀଠ । ଏଭଳି ଏକ ପୀଠ ରହିଛି ଯାହାକି ଯାଜପୁର ଜିଲା ବରୀ ବ୍ଲକ ଭଅଁରା ପଂଚାୟତ ରାଇପୁର ଗ୍ରାମର ଖରସ୍ରୋତା ନଦୀ କୂଳରେ ଅବସ୍ଥିତ ବାବା ମହାପୁରୁଷଙ୍କ ସମାଧି ପୀଠ । କାହିଁ କେଉଁ କାଳରୁ ଏହି ପୀଠଟି ନଦୀ କୂଳରେ ରହି ଅଛି । ଏବେ ଏହି ପୀଠଟି ଜରାଜୀର୍ଣ୍ଣ ଅବସ୍ଥାରେ ପଡି ରହିଛି । ଅଂଚଳବାସୀଙ୍କର ମହାପୁରୁଷଙ୍କ ଉପରେ ରହିଛି ଦୃଢ ବିଶ୍ୱାସ । ଏଠାରୁ କେହି ଖାଲି ହାତରେ ଫେରି ନ ଥାନ୍ତି । ଠାକୁରଙ୍କ ପ୍ରୀୟ ଭୋଗ ହେଉଛି ଗଞ୍ଜେଇ । ମାନସୀକଧାରୀ ଠାକୁରଙ୍କୁ ଗଞ୍ଜେଇ ଭୋଗ ଅର୍ପଣ କଲେ ସେମାନଙ୍କ ମାନସିକ ତୁରନ୍ତ ପୁରୁଣ ହୁଏ ବୋଲି ସେମାନଙ୍କର ପ୍ରବଳ ବିଶ୍ୱାସ ରହିଛି । ପ୍ରତ୍ୟେକ ମାସ ପୂର୍ଣ୍ଣମୀରେ ଏହି ସ୍ଥାନରେ ଭକ୍ତମାନେ ଏଠାକୁ ଶହଶହ ସଂଖ୍ୟାରେ ପୂଜାର୍ଚ୍ଚନା ପାଇଁ ଆସିଥାନ୍ତି । ଏହି ଦିନ ସେମାନେ ମାସିକ ରଖି ଥାନ୍ତି । ମାନସିକ ପୁରଣ ହେଲେ ୨ୟ ଥର ଏହି ପୀଠକୁ ଆସି କ୍ଷୀରି ଭୋଗ କରିଥାନ୍ତି । ତେବେ ଏହି ପୀଠଟି ଏକ ଅସୁରକ୍ଷିତ ଅବସ୍ଥାରେ ପଡି ରହିଛି । ଏହାର ଚତୂପାଶ୍ୱ ଭାଙ୍ଗି ରୁଜି ଯିବା ସହ ଅତି ଦୟନୀୟ ଅବସ୍ଥାରେ ଥିବା ପୀଠଟି ପ୍ରତି ଭକ୍ତମନରେ ଘୋର ଅସନ୍ତୋଷ ପ୍ରକାଶ ପାଇଛି । ଏବେ ସରକାର ମଠ ଓ ମନ୍ଦିରର ବିକାଶ ପାଇଁ ଯୋଜନା କରୁଥିବା ବେଳେ ଜିଲା ପ୍ରଶାସନ ଏହି ପୀଠ ପ୍ରତି ତୁରନ୍ତ ଦଷ୍ଟି ଦେଇ ଏହାର ବିକାଶ କ୍ଷେତ୍ରରେ ସହାୟକ ହେଲେ ଏହି ପୀଠକୁ ଦୈନନ୍ଦିନ ଶହଶହ ଭକ୍ତମାନଙ୍କ ସମାଗମ ହୋଇପାରିବ ବୋଲି ବୁଦ୍ଧିଜୀବୀମାନେ ଆଶାବ୍ୟକ୍ତ କରିଛନ୍ତି ।

## ପାନୀୟ ଜଳ ଯୋଗାଣ ସମ୍ପୂର୍ଣ୍ଣ କରିବାକୁ ସରପଂଚଙ୍କ ତାଗିଦ

କୋରେଇ,(ପି.ଏନ):କୋରେଇ ବ୍ଲକ ଅନ୍ତର୍ଗତ ପାଣିକୋଇଲି ପଞ୍ଚାୟତର ପାଣିକୋଇଲି ଓ ଅଳତିର ଗ୍ରାମକୁ ପାନୀୟ ଜଳ ଯୋଗାଣ ବ୍ୟବସ୍ଥାକୁ ଠିକା ନେଇଥିବା ମେଗା ପ୍ରକଳ୍ପର କର୍ମଚାରୀ ମାନଙ୍କୁ ଶୀଘ୍ର କାର୍ଯ୍ୟ ସାରିବାକୁ ତାଗିଦ କରିଛନ୍ତି ପାଣିକୋଇଲି ସରପଂଚ ପଦ୍ମାବତୀ ପଣ୍ଡା । ପ୍ରକାଶ ଥାଉକି ରାଜ୍ୟ ସରକାରଙ୍କ ବସୁଧା ଯୋଜନାରେ ପ୍ରତି ପଂଚାୟତରେ ପାଇପ ଲାଇନ ମାଧମରେ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ନିମନ୍ତେ ପାଇପଲାଇନ ବିଛା ସରିଥିବା ବେଳେ 'ମେଗା 'ନାମକ ଏକ ଠିକା କମ୍ପାନୀ ପାଣିକୋଇଲି ପଂଚାୟତର ନିର୍ମାଣ ଓ ମରାମତି କାମ ଠିକା ନେଇ ନିଜର ପାଇପ ଲାଇନ ବିଛାଇଥିଲେ । ଫଳରେ 'ମେଗା' ର ପାଇପଲାଇନକୁ ପୋତିବା ସମୟରେ ବସୁଧାର ପାଇପଲାଇନ ଗୁଡିକ କ୍ଷତିଗ୍ରସ୍ତ ହୋଇଥିଲା । ତେବେ ବର୍ତମାନ ସୁଦ୍ଧା ମେଗାର ପାଣିଟାଙ୍କି କାର୍ଯ୍ୟ ନିର୍ମାଣାଧିନ ଥିବା ବେଳେ ଏ ସଂକ୍ରାନ୍ତରେ ସରପଂଚଙ୍କ ପରାମର୍ଶ କ୍ରମେ "ମେଗା'ର ଉକ୍ତ ପାଇପଲାଇନରେ ପଂଚାୟତ ତରଫରୁ ୩୦୦ ଘରକୁ ପାଣି ଯୋଗାଯାଉଅଛି । ତେବେ "ମେଗା' ଠିକା ନେବାର ଆଜକୁ ଦେଢ଼ବର୍ଷ ହୋଇଯାଇଥିଲେ ମଧ ଠିକା କମ୍ପାନୀର ଦାୟିତ୍ୱହୀନତା କାରଣରୁ ଉକ୍ତ ଦୁଇଟି ଗ୍ରାମରେ ଆହୁରି ୩୦୦ରୁ ଉର୍ଦ୍ଧ୍ୱ ଘରକୁ ପାଣି ଯୋଗାଯାଇ ପାରିନାହିଁ । ଫଳରେ ଆଜି ସରପଂଚ ପଦ୍ମାବତୀ ପଣ୍ଡା ନାଏବ ସଂପଂଚ ଦେବେନ୍ଦ୍ର କୁମାର ସ୍ୱାଇଁ,ସରପଂଚଙ୍କ ପ୍ରତିନିଧି ଲୋକନାଥ ପଣ୍ଡା ପ୍ରମୁଖ "ମେଗା'ର ସାଇଟ ଇଞ୍ଜିନିୟର ସଂଗ୍ରାମ କୁମାର ସିଂ, ବ୍ରଜସ କୁମାର ଓ ରାଜୁ କୁମାରଙ୍କୁ ପଞ୍ଚାୟତ କାର୍ଯ୍ୟାଳୟକୁ ଡ଼ାକି ଆସନ୍ତା ୧୫ ଦିନ ମଧରେ ପାଣି ପାଉନଥିବା ବାକି ଘର ନିକଟକୁ ପାଇପ ଲାଇନ ବିଛାଇବା କାର୍ଯ୍ୟ ସାରିବାକୁ ତାଗିଦ କରଛନ୍ତି ।

## ପାଣିକୋଇଲି ମହାବିଦ୍ୟାଳୟରେ ଗୁରୁ ଦିବସ ପାଳିତ

କୋରେଇ, (ପି.ଏନ): ପାଣିକୋଇଲି ସ୍ଥିତ ମା ତାରିଣୀ ମହାବିଦ୍ୟାଳୟରେ ଗୁରୁ ଦିବସ ପାଳିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଚନ୍ଦ୍ରକାନ୍ତ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୁକ୍ତ ଦୁଇ ବିଦ୍ୟାଳୟର ଅଧ୍ୟକ୍ଷ ପାର୍ଥ ସରଥି ବିଶ୍ୱାଳ ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ବରିଷ୍ଠ ଅଧ୍ୟାପକ ସମରେନ୍ଦ୍ର ଦାଶ ଯୋଗଦେଇ ଗୁରୁଶିଷ୍ୟର ପରମ୍ପରା ସର୍ମ୍ପକରେ ବକ୍ତବ୍ୟ ରଖିଥିଲେ। ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ସଙ୍ଗୀତା ନନ୍ଦ, ଶକ୍ତିମୟୀ ଜେନା, ସନ୍ତୋଷ କୁମାର ଦାଶ, ସତ୍ୟଜିତ ଦାସ, ଶୁଭକାନ୍ତ ପାତ୍ର, ସସ୍ମିତା ଦାଶ, ସ୍ୱାଗତିକା ପାତ୍ର, ଅଭିମନ୍ୟୁ ପଣ୍ଡା, ଅଜିତ ଜେନା, ସାଗରିକା ରଥ, ସ୍ୱାଗତିକା ଜେନା, ରଶ୍ମିତା ଧଳ, କଳ୍ପନା ପଣ୍ଡା, ପ୍ରିୟଙ୍କା ଖଣ୍ଡେଇ, ଅଲେଖ ପ୍ରସାଦ ସାହୁ, ମଧୁ ସୂଦନ ପଣ୍ଡା, ପ୍ରମୋଦ ମିଶ୍ର, ନୟନି ଖଣ୍ଡାଇ ପ୍ରମୁଖ ଯୋଗଦେଇଥିଲେ । ଶତାଧିକ ଛାତ୍ର/ଛାତ୍ରୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିବା ବେଳେ ଗୁରୁବନ୍ଦନା ଗାନ ସହ ଗୁରୁପୂଜନ କରାଯାଇଥିଲା । ଶେଷରେ ଅଧ୍ୟାପିକା ସାଗରିକା ରଥ ଧନ୍ୟବାଦ ଅର୍ପଣ କରିଥିଲେ ।

## ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ ଅନ୍ତର୍ଗତ ଅମୃତ କଳସ ରଥଯାତ୍ରାର ଶୁଭାରମ୍ଭ

ସମ୍ବଲପୁର, (ପି.ଏନ): ଭାରତୀୟ ଜନତା ପାର୍ଟି (ବିଜେପି) ପକ୍ଷରୁ ଆରମ୍ଭ କରାଯାଇଥିବା ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ ଅନ୍ତର୍ଗତ ଅମୃତ କଳସ ରଥଯାତ୍ରାର ଶୁଭାରମ୍ଭ ଆଜି ସମ୍ବଲପୁର ସହର ସ୍ଥିତ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ ପରେ ହୋଇଯାଇଛି । ସକାଳେ ସଭାପତି ଗିରିଶ ପଟେଲ ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରିଥିଲେ । ଏହାପରେ ରଥରେ ଥିବା ଅମୃତ କଳସରେ ପ୍ରତିମୂର୍ତି ଥିବା ସ୍ଥାନରୁ ମାଟି ନେଇ ରଥରେ ରଖିଥିଲେ । ପରେ ଏକ ପଦଯାତ୍ରାରେ କଚେରୀ ଛକ ସ୍ଥିତ ସହିଦ ସ୍ତମ୍ଭ ନିକଟକୁ ଯାଇ ସେଠାରୁ ମଧ ମାଟି ନେଇ ରଥର ଶୁଭାରମ୍ଭ କରାଯାଇଥିଲା । ଭାଜପା ଜିଲ୍ଲା ସାଧାରଣ ସମ୍ପାଦକ ଅନିଲ ବେହେରା ଏନେଇ ସୂଚନା ଦେଇ କହିଛନ୍ତି ଯେ, ଏହି ରଥ ସମ୍ବଲପୁର ଜିଲ୍ଲାର ପ୍ରତ୍ୟେକ ପଂଚାୟତକୁ ଯାଇ ଦେଶ ପାଇଁ ସହିଦ୍ ହୋଇଥିବା ସଂଗ୍ରାମୀଙ୍କ ବିଷୟରେ ଲୋକଙ୍କୁ ଅବଗତ କରାଇବ ତଥା ସହିଦ୍ ମାନଙ୍କ ପୀଠରୁ ମାଟି ନେଇ ଏହାକୁ ନୂଆଦିଲ୍ଲୀ ପଠାଯିବ ।ଆଜିର ଏହି କାର୍ଯ୍ୟକ୍ରମରେ ଭାଜପାର ବରିଷ୍ଠ ସଭ୍ୟ ଦେବେନ୍ଦ୍ର ମହାପାତ୍ର, ରାମଚନ୍ଦ୍ର ମେହେର, ଶମ୍ଭୁ ବରେଲିଆ, ଗିରିଜା ସାହୁ, ଅନ୍ନପୂର୍ଣ୍ଣା ବାରିକ, ଅଶ୍ୱିନୀ ମାଝିଙ୍କ ସହିତ ଶତାଧିକ ଭାଜପା ସଭ୍ୟ ଯୋଗ ଦେଇଥିଲେ ।

2023-2024

ADMISSION OPEN

Maharishi Public School, Baripada



STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ

Bhubaneswar Thursday September 7, 2023 ଭୁବନେଶ୍ୱର ଗୁରୁବାର, ସେପ୍ଟେମ୍ବର ୭,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com 

# ଧାଣ୍ଡମୁଣ୍ଡା ସରସ୍ୱତୀ ଶିଶୁ ମନ୍ଦିରରେ ଶ୍ରୀକୃଷ୍ଣ ଜନ୍ମୋତ୍ସବ ପାଳିତ



ଖପ୍ରାଖୋଲ,(ଭୋଜରାଜ ବରିହା),ପି.ଏନ : ଖପ୍ରାଖୋଲ ବ୍ଲକ୍ ଧାଣ୍ଡାମୁଣ୍ଡା ସରସ୍ୱତୀ ଶିଶୁ ମନ୍ଦିର ରେ ଶ୍ରୀକୃଷ୍ଣ ଜନ୍ମୋତ୍ସବ ବୁଧବାର ପାଳିତ ହୋଇଯାଇଛି । ଏହି ଅବସରରେ ପ୍ରଥମେ ଶ୍ରୀକୃଷ୍ଣ ଭଗବାନ ଙ୍କ ଫଟୋ ଚିତ୍ର ରେ ଫୁଲ ଚନ୍ଦନ ଦେଇ ପୂଜା ପାଠ କରାଯାଇଥିଲା । ଏହି ଅବସରରେ ବିଦ୍ୟାଳୟ ର ଛାତ୍ରୀ ଛାତ୍ର ମାନେ କୃଷ୍ଣ, ରାଧା, ଗୋପାଳ, ନନ୍ଦ ରାଜା ବେଶରେ ଉପସ୍ଥିତ ଥିବା ବେଳେ ଏକ ଭବ୍ୟ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା । ଭଗବାନ ଶ୍ରୀ କୃଷ୍ଣ ଙ୍କୁ ଘରେ ଘରେ ପୂଜା କରିଥିଲେ । ଏହି ଅବସରରେ ପ୍ରଧାନ ଗୁରୁଜୀ ସନ୍ୟାସୀ କତୁଆ, ମନୋଜ ପ୍ରଧାନ, ନାରାୟଣ ତାଣ୍ଡି, ଜନକଜେମା ନାଏକ, ପରିଚାଳନା କମିଟି ସଭାପତି କଳା କାହ୍ନୁ ସାହୁ, ଗନ୍ଧର୍ବ ପ୍ରଧାନ, ସୁମନ୍ତ ଭୋଇ, କ୍ଷୀରୋଦ ପ୍ରଧାନ, ଅଜୟ ଭୋଇ ସମେତ ଅଭିଭାବକ, ପରିଚାଳନା କମିଟି ସଦସ୍ୟ, ଗୁରୁମା ଗୁରୁଜୀ ଉପସ୍ଥିତ ଥିଲେ । ସେହି ପରି ଗାଁ ଗାଁ ରେ ଶ୍ରୀକୃଷ୍ଣ ଜନ୍ମୋତ୍ସବ ପାଳିତ ହୋଇଯାଇଛି ।

# ଗୁରୁଜୀ ଗୁରୁମା ସ୍ୱେଚ୍ଛାସେବୀ ସଂଗଠନର ବାର୍ଷିକୋତ୍ସବ ଅନୁଷ୍ଠିତ



ବାଲିଅନ୍ତା,(ପି.ଏନ):ଗୁରୁଜୀ ଗୁରୁମା ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ପ୍ରଥମ ବାର୍ଷିକୋତ୍ସବ ଏରକଣ୍ଡା ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ସଂଗଠନର ସଭାପତି କୃଷ୍ଣଚନ୍ଦ୍ର କୁଣ୍ଡୁଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଶରତ ଜେନା ପରିଚାଳନା ଓ ସହକାରୀ ଶିକ୍ଷକ ତଥା ସଂଗଠନର ଉପସଭାପତି ଯୋଗେନ୍ଦ୍ର ସେଠିଙ୍କ ସଂଯୋଜନାରେ ଅତିଥିଭାବେ ବିଆରସିସି ସୁବାସିନୀ ଦାଶ, ଅତିରିକ୍ତ ଶିକ୍ଷାଧିକାରୀ କୁନି ଦେଇ, ବରିଷ୍ଠ ଶିକ୍ଷାବିତ ବିଧୁଭୂଷଣ ପଟ୍ଟନାୟକ, ନାରାୟଣ ବେହେରା, ସ୍ୱର୍ଣ୍ଣଲତା ପତି, ପ୍ରକୃତିବନ୍ଧୁ ଦିନବନ୍ଧୁ ଭୋଇ ପ୍ରମୁଖ ଯୋଗଦେଇଥିଲେ । ଏହି ପରିପ୍ରେକ୍ଷୀରେ ୨୦୨୨/୨୩ ଶିକ୍ଷାବର୍ଷରେ ବୋର୍ଡ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରଛାତ୍ରୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ଅବସରପ୍ରାପ୍ତ ଶିକ୍ଷକ ମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା । ଆଗାମୀ ଦିନରେ ଏହି ସଂଗଠନ ଅସହାୟ ଓ ମେଧାବୀ ଛାତ୍ରଛାତ୍ରୀଙ୍କୁ ସହାୟତାର ହାତ ବଢାଇବା ସହ ପରିବେଶ ସୁରକ୍ଷା, ପୂଜ୍ୟପୂଜା ପରମ୍ପରା ଓ ଗୁରୁଶିଷ୍ୟ ସମ୍ପର୍କକୁ ଉଜ୍ଜୀବିତ କରିବାପାଇଁ ଏହି ସଂଗଠନର ମୂଳଲକ୍ଷ ବୋଲି ଅନୁଷ୍ଠାନର ସଦସ୍ୟ ମାନେ ମତ ରଖିଛନ୍ତି । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସଂଗଠନର ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁ, ସହ ସମ୍ପାଦକ ଚିତ୍ତରଞ୍ଜନ ମହାରଣା, କୋଷାଧ୍ୟକ୍ଷ ଧନୀ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ ।

## ପାରାଦୀପ ପୋର୍ଟ ମଜଦୁର ସଂଘର ନୂତନ କାର୍ଯ୍ୟାଳୟ ଉଦଘାଟିତ : ସାମିଲ ହେଲେ ଶତାଧିକ ଶ୍ରମିକ ଓ କର୍ମଚାରୀ

ପାରାଦୀପ,(ପି.ଏନ): ପବିତ୍ର ଜନ୍ମାଷ୍ଟମୀ ଅବସରରେ ଶ୍ରମିକ ନେତା ପ୍ରକାଶ ତ୍ରିପାଠୀଙ୍କ ନେତୃତ୍ୱାଧୀନ ପାରାଦୀପ ପୋର୍ଟ ମଜଦୁର ସଂଘର ନୂତନ କାର୍ଯ୍ୟାଳୟ ନୂଆବଜାର ସ୍ଥିତ ଏସଓ-୪ ନମ୍ବର କ୍ୱାଟର ପରିସରରେ ଉଦଘାଟିତ ହୋଇଯାଇଛି । ଏହି ଅବସରରେ ସଂଘ କାର୍ଯ୍ୟାଳୟ ପରିସରରେ ହୋମ ଯଜ୍ଞ, ନାମ ସଂକୀର୍ତନ ଓ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା । ଏଥିରେ ସଂଘର ସାଧାରଣ ସମ୍ପାଦକ ତଥା ପୂର୍ବତନ ବନ୍ଦର ଟ୍ରଷ୍ଟି ପରେଶ ମୁର୍ମୁ, ସଂଘର ଉପଦେଷ୍ଟା ତଥା ବିଜେପି ନେତା ସମ୍ପଦ ସ୍ୱାଇଁ, ଶତାଧିକ ଶ୍ରମିକ ଓ ବନ୍ଦର କର୍ମଚାରୀ ଉପସ୍ଥିତ ଥିଲେ ।

## ବାଘମାରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପରିଣତ ହେବ କେବେ?

ଖୋର୍ଦ୍ଧା,(ପିଏନ): ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ବ୍ଲକ ଅନ୍ତର୍ଗତ ବାଘମାରୀ ସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଣତ ଦାବିରେ ଜନ ସାଧାରଣ ଦାବି କରି ଆସୁଛନ୍ତି ।ସୂଚନା ଅନୁଯାଇ ୨୦୧୮ ମସିହାରୁ ସ୍ଥାନୀୟ ଗ୍ରାମର ସମାଜସେବୀ ସନ୍ତୋଷ କୁମାର ପଣ୍ଡା ରାଜ୍ୟପାଳ,ମୁଖ୍ୟମନ୍ତ୍ରୀ,ବିଧାନସଭା ଦରଖାସ୍ତ କମିଟି ଓ ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଅବଗତ କରିଥିଲେ ।ପରେ ୨୦୧୮ ମସିହା ଫେବୃଆରୀ ମାସ ୨ ତାରିଖରେ ଚିଠି ନମ୍ବର ୧୪୬୨୧ରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଅଧିକାରୀ ବାଘମାରୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଦାବିରେ ଭୁବନେଶ୍ୱର ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକଙ୍କୁ ପ୍ରସ୍ତାବ ପଠାଇଥିଲେ ।ଏଥିରେ କୌଣସି ସୁଫଳ ନ ମିଳିବାରୁ ୨୦୧୯ ମସିହା ଅକ୍ଟୋବର ମାସ ୧ ତାରିଖ ସହ ପୁନର୍ବାର ୨୦୨୦ ମସିହା ଜୁଲାଇ ମାସ ୬ ତାରିଖରେ ଭୁବନେଶ୍ୱର ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକଙ୍କୁ ପ୍ରେରଣ କରିଥିବା ବେଳେ ସମସ୍ତ ପ୍ରକାର ସୁବିଧା ଥିବା ସତ୍ୱେ ତାହା କାର୍ଯ୍ୟକାରୀ ନ ହୋଇ ଏବେ ସ୍ଥାଣୁ ଅବସ୍ଥାରେ ପଡି ରହିଛି ।ତେବେ ଏହି ସ୍ୱାସ୍ଥ୍ୟ କେନ୍ଦ୍ରଟି ଦୁର୍ଗାପୁର, ସାରୁଅ,ସିମୋର ଓ ବଡ଼ବେରଣା ପଞ୍ଚାୟତ ସମେତ ଜନସାଧାରଣ ମାନେ ନିର୍ଭର କରିଥାନ୍ତି ।

# ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ବୈଠକ



ତାଳଚେର,(ପି.ଏନ): ଶହୀଦ ମାନଙ୍କୁ ଉପଯୁକ୍ତ ସମ୍ମାନ ଦେବାପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଙ୍କ ଆଗ୍ରହ କ୍ରମେ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ ସମଗ୍ର ଦେଶରେ ଆରମ୍ଭ ହୋଇଛି ।ଶହୀଦ ,ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ବାସସ୍ଥାନ ଓ ଗ୍ରାମରୁ ଅମୃତ କଳସ ରେ ଭବ୍ୟ ପରିବେଶରେ ବୀର ମାଟି ସଂଗ୍ରହ କରାଯିବା ସହ ସମସ୍ତ ମାଟି ପୂର୍ଣ୍ଣ କଳସକୁ ଦିଲ୍ଲୀ ପଠାଯାଇ ସେଠାରେ ଅମୃତ ବାଟିକା ସ୍ଥାପନ କରାଯିବ ।ଆଜି ବୁଧବାର ତାଳଚେର ଡେରା ଠାରେ ଏନ ଏସ ଆଇ ସି ର ଡାଇରେକ୍ଟର କାଳନ୍ଦି ସାମଲ ଙ୍କ ଅଧ୍ୟକ୍ଷତାରେ ତାଳଚେର ନିର୍ବାଚନ ମଣ୍ଡଳୀ ରେ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ ତଥା ଅମୃତ କଳସ ଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ।ସବକା ସାଥ ,ସବକା ବିଶ୍ୱାସ, ସବକା ବିକାଶ, ସବକା ପ୍ରୟାସ ଆଧାରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମଗ୍ର ଦେଶକୁ ଏକ ଭାରତ ଶ୍ରେଷ୍ଠ ଭାରତ କରିବା ପାଇଁ ସଂକଳ୍ପ ବଦ୍ଧ ବୋଲି ଶ୍ରୀ ସାମଲ କହିଛନ୍ତି ।ଆସନ୍ତା କାଲି ସେପ୍ଟେମ୍ବର ୭ ଗୁରୁବାର ସ୍ୱର୍ଗତ ସ୍ୱାଧୀନତା ସଂଗ୍ରାମୀ ମାଗତା ପ୍ରଧାନଙ୍କ ଜନ୍ମସ୍ଥାନ କଂକିଳି ଗ୍ରାମରୁ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ନିଆଯାଇଛି ।ଦଳ ମତ ନିର୍ବିଶେଷରେ ସମସ୍ତ ଜନସାଧାରଣ ଦେଶାତ୍ମକ ମନୋଭାବ ନେଇ ଉକ୍ତ କାର୍ଯ୍ୟକ୍ରମ କୁ ସଫଳ କରିବାକୁ ଶ୍ରୀ ସାମଲ ଆହ୍ୱାନ ଦେଇଥିଲେ ।ଆଜିର ଏ ବୈଠକରେ ସମସ୍ତ ପ୍ରମୁଖ କାର୍ଯ୍ୟକର୍ତା ଉପସ୍ଥିତ ଥିଲେ ।

# ନୂଆଖାଇ ଭେଟଘାଟ ଆୟୋଜନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ



ନୂଆପଡ଼ା,ବିରବଲ ପ୍ରଧାନ, (ପି.ଏନ): ଆଜି ନୂଆପଡ଼ା ଜିଲ୍ଲା କୁଲୁତାସମାଜର ଜିଲ୍ଲା ସଭାପତୀ ସରୋଜ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଘାଟିପଡ଼ାସ୍ଥିତ ପଥପ୍ରାନ୍ତ ସୁବିଧା କେନ୍ଦ୍ରଠାରେ ନୂଆଖାଇ ଭେଟଘାଟ କାର୍ଯ୍ୟକ୍ରମପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ନୂଆଖାଇଭେଟଘାଟ ପ୍ରସ୍ତୁତି ବୈଠକରେ ୮ଅକ୍ଟୋବର୨୦୨୩ ରବିବାର ଦିନ ନୂଆପଡ଼ାସ୍ଥିତ ପୋଲିଷପଡ଼ିଆରେ ନୂଆଖାଇ ଭେଟଘାଟ କାର୍ଯ୍ୟକ୍ରମ ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତି ନିଆ ଗଲା । ଏହି ବୈଠକରେ ଜିଲ୍ଲା କୁଲୁତା ସମାଜର କୋମନା କେନ୍ଦ୍ର ସଭାପତି ବୈଶମପାୟନ ସାହୁ, ଦୁଲ୍ଲଭ ବିଶ୍ୱାଳ, ଆଶ୍ୱିନି କୁମାର ଭୋଇ, ବ୍ରଜରାଜ ସାହୁ, ସୁରେନ୍ଦ୍ର ପ୍ରଧାନ, ନବିନ ପ୍ରଧାନ, ଘାସିରାମ ଭୋଇ, ପଦ୍ମନ ପ୍ରଧାନ, ସତ୍ୟନାରାୟଣ ସାହୁ, ଶୁସାନ୍ତ ସାହୁ ଓ ଅନ୍ୟାନ୍ୟ ବରିଷ୍ଠ ସଦସ୍ୟମାନେ ଉପସ୍ଥିତ ଥିଲେ । ନୂଆଖାଇ ଭେଟଘାଟ କିପରି ସୁରୁଖୁରୁରେ ହୋଇପାରିବ ବିଶେଷକରି ତାରି ଉପରେ ବିଶେଷ ଆଲୋଚ଼ନା କରାଗଲା ।




# ମାଧ୍ୱୀ ଷ୍ଟଡି ସେଣ୍ଟର ତରଫରୁ ଗୁରୁ ଦିବସ ପାଳିତ



ମାଲକାନଗିରି,(ପି.ଏନ): ମାଲକାନଗିରି ଜିଲ୍ଲା ପରିଷଦ ସଭାଗୃହରେ ମାଧ୍ୱୀ ଷ୍ଟଡି ସେଣ୍ଟର ତରଫରୁ ଗୁରୁ ଦିବସ ପାଳିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ମାଲକାନଗିରି ଅତିରିକ୍ତ ତହସିଲଦାର ଜଗଦୀଶ କାର୍ତ୍ତାମୀ, ମୁଖ୍ୟ ବକ୍ତା ଭାବେ ଉତ୍କଳ ସାହିତ୍ୟ ସଂସଦ ସଭାପତି କେଶବ ଚନ୍ଦ୍ର ନାୟକ, ସମ୍ମାନିତ ଅତିଥି ଭାବେ ଆଇନଜୀବୀ ଭୂଦେବ ମହାନନ୍ଦିଆ, ସାମାଜସେବୀ ସୋନୁ ଅନୁଗ , ପୂର୍ବତନ ସରପଞ୍ଚ ଦଶରଥ ଡୁରୁକା ପ୍ରମୁଖ ଯୋଗ ଦେଇଥିଲେ । ମୁଖ୍ୟ ବକ୍ତା କେଶବ ଚନ୍ଦ୍ର ନାୟକ ଗୁରୁ ଦିବସର ତାତ୍ପର୍ଯ୍ୟ, ଗୁରୁ ପରମ୍ପରା, ଅତୀତ ଏବଂ ବର୍ତ୍ତମାନ ଶିକ୍ଷା ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ । ମୁଖ୍ୟ ଅତିଥି ଜଗଦୀଶ କାର୍ତ୍ତାମୀ କହିଲେ ଯେ ସରକାରୀ ସ୍କୁଲରେ ଯେଉଁ ପିଲାମାନେ ପାଠ ପଢୁଛନ୍ତି ବିଶେଷ କରି ଗରିବ ଶ୍ରେଣୀର । ସେଠାରେ ଭଲ ଶିକ୍ଷା ଦାନ ହେଉ ନଥିବାରୁ ପରୀକ୍ଷାରେ ଭଲ ମାର୍କ ରଖି ଛାତ୍ରଛାତ୍ରୀମାନେ ଉତ୍ତୀର୍ଣ୍ଣ ହୋଇ ପାରନ୍ତି ନାହିଁ,ଫଳରେ ଭବିଷ୍ୟତରେ ଖଣ୍ଡେ ସରକାରୀ ମିଳେ ନାହିଁ ।ମାଲକାନଗିରି ଜିଲ୍ଲାରେ ଆଦିବାସୀ ଛାତ୍ରଛାତ୍ରୀମାନେ ସରକାରୀ ସ୍କୁଲରେ ଯେଉଁ ପାଠ ପଢୁଛନ୍ତି , ସେମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ ନୁହେଁ । ଯେଉଁମାନେ ପ୍ରାଇଭେଟ୍ ସ୍କୁଲ, କଲେଜରେ ପାଠ ପଢୁଛନ୍ତି, ସେହି ପିଲା ମାନେ ଭଲ ମାର୍କ ଆଣି ଭବିଷ୍ୟତରେ ଚାକିରୀ ଖଣ୍ଡେ ପାଉଛନ୍ତି । ତେବେ ଏଥି ପାଇଁ ଆର୍ଥିକ ସ୍ୱଚ୍ଛଳ ବର୍ଗ ପରିବାର ହେଲେ ହିଁ ସମ୍ଭବ ପର ହୋଇ ପାରିବ । ବର୍ତ୍ତମାନ ଆଉ ଏକ ସମସ୍ୟା ଦେଖାଦେଇଛି, ସରକାରୀ ନିଯୁକ୍ତି କ୍ଷେତ୍ରରେ । ଆଗରୁ ଜିଲ୍ଲା ସ୍ତରୀୟ ନିଯୁକ୍ତି ମିଳୁଥିଲା, ଯେଉଁ ଜିଲ୍ଲା ର ଯୁବକ ଯୁବତୀମାନେ,ନିଜ ଜିଲ୍ଲାରେ ଚାକିରୀ ପାଉଥିଲେ । ଏବେ ପ୍ରତିଯୋଗିତାରେ ଆଦିବାସୀ ଅଧ୍ୟୁଷିତ ଜିଲ୍ଲାର ଶିକ୍ଷତ ଯୁବକ ଯୁବତୀମାନେ ଚାକିରୀ ପାଇବା ଅସମ୍ଭବ ହୋଇ ପଡ଼ିଛି ବୋଲି ସେ ମତବ୍ୟକ୍ତ କରିଥିଲେ । ଆଇନଜୀବୀ ଭୂଦେବ ମହାନନ୍ଦିଆ କହିଲେ ଯେ ଆମକୁ ଇଂରାଜୀ ମାଧ୍ୟମରେ ପାଠ ପଢ଼ିବାକୁ ହେବ, ଅନେକ ପୁସ୍ତକ ଆଜି ମଧ୍ୟ ଓଡ଼ିଆ ଭାଷାରେ ଅନୁବାଦ ହୋଇ ନାହିଁ । ଓଡ଼ିଆ ଭାଷା ଓଡ଼ିଶାରେ, ହିନ୍ଦୀ ଭାଷା ଉତ୍ତର ଭାରତରେ ଏବଂ ଇଂରାଜୀ ଭାଷାରେ ଜାଣିଲେ ସବୁଦେଶରେ ପ୍ରଚଳିତ ରହିଛି ବୋଲି ସେ ମତ ପୋଷଣ କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ସୋନୁ ଅନୁଗ କହିଲେ ଯେ, ଶିକ୍ଷା ହିଁ ଏକମାତ୍ର ମାଧ୍ୟମ ଯାହାକି ମନୁଷ୍ୟକୁ ଉଚ୍ଚ ସ୍ତରକୁ ନେଇ ପାରିବ, ଏଣୁ ଶିକ୍ଷା ପ୍ରତି ଅଧିକ ଗୁରୁତ୍ୱ ଦେବାକୁ ମତ ପୋଷଣ କରୁଥିଲେ ।ନିତେଶ ଅନୁଗ ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରେମ ପୂଜାରୀ ମଞ୍ଚ ପରିଚାଳନା କରିଥିଲେ । ଏହା ବ୍ୟତୀତ ବିଶ୍ୱାମିତ୍ର ମାଡକାମୀ,ମାଧବ ପଡିଆମୀ,ଇର୍ସା ମାଡି, ସୁବାସ ସୋଡି, ସଂଜିତ ପଡିଆମୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ଶେଷରେ ମୁକା ମାଡି ଧନ୍ୟବାଦ ଅର୍ପଣ କରିଥିଲେ ।

# ସଂସାଧନ ସଭ୍ୟ ପ୍ରଶିକ୍ଷଣ ଶିବିର ଉଦଯାପିତ



ମାଲକାନଗିରି ,(ପି.ଏନ): ସୂଚନା ଓ ଲୋକସଂପର୍କ ବିଭାଗ ଓ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ ଚାଲିଥିବା ଦୁଇଦିନିଆ ସଂସାଧନ ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଯାଇଛି । ଦ୍ୱିତୀୟ ଦିନ କାର୍ଯ୍ୟକ୍ରମ ପୂର୍ବାହ୍ନରେ ଜିଲ୍ଲା କ୍ରୀଡା ଅଧିକାରୀ ଧ୍ରୁବ ଚରଣ ମୁଦୁଲି ଯୋଗ ଦେଇ ହକୀ ଉପରେ ବିଶେଷ ପ୍ରାଧାନ୍ୟ ଦେଇ କ୍ରୀଡାର ଉନ୍ନତିକରଣ ଉପରେ ଆଲୋକପାତ କରିବା ସହ ପାରମ୍ପାରିକ ଲୋକ କଳା ଓ ସଂସ୍କୃତିକୁ ବଞ୍ଚାଇବାକୁ ହେଲେ ଏହାକୁ ଲିପିବଦ୍ଧ କରି ରଖିବାକୁ ହେବ ବୋଲି ପ୍ରକାଶ କରିଥିଲେ । ରାଜ୍ୟ ସଂସାଧନ ବିଶେଷଜ୍ଞ ଗୁପ୍ତ ?ଶ୍ୱର ପାଣିଗ୍ରାହୀ ଉଦଯାପନୀ କାର୍ଯ୍ୟକ୍ରମରେ ସମସ୍ତ ସଭ୍ୟଙ୍କୁ ପାରମ୍ପାରିକ ଲୋକ କଳା ଓ ସଂସ୍କୃତିକୁ ବଜାୟ ରଖି ସରକାରଙ୍କ ଯୋଜନା ଗୁଡିକୁ ପ୍ରଚାର ପ୍ରସାର କରିବା ପାଇଁ ଗୁରୁତ୍ୱାରୋପ କରିଥିଲେ । ତତ୍ ସହିତ କିଭଳି ଲୋକ କଳା ମାଧ୍ୟମରେ ପ୍ରତ୍ୟେକ ଗ୍ରାମରେ ଯୋଜନା ଗୁଡିକୁ ପରିବେଷଣ କରିବେ, ସେହି ଶୈଳୀ ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ସେହିପରି ଅନ୍ୟତମ ପ୍ରଶିକ୍ଷକ ବିନାଶ ମିଶ୍ର ଆଇଇସି କାର୍ଯ୍ୟକ୍ରମକୁ କିଭଳି ସଫଳତାର ସହ ପରିବେଷଣ କରିବେ, ତାହାର ବିଭିନ୍ନ ଦିଗ ଉପରେ ଦିଗଦର୍ଶନ ଦେଇଥିଲେ । ଉପସ୍ଥିତ ସାତଟି ବ୍ଲକର ସଭ୍ୟ ନିଜର ପାରମ୍ପାରିକ ଲୋକ କଳା ମାଧ୍ୟମରେ ଯୋଜନା ଗୁଡ଼ିକର କିଭଳି ପ୍ରଚାର ପ୍ରସାର କରିବେ ତାହା ପ୍ରଦର୍ଶନ କରିଥିଲେ । ଉଦଯାପନୀ ଉତ୍ସବରେ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରମିଳା ମାଝୀ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସସ୍ମିତା ସ୍ୱାଇଁ ଏବଂ ସହକାରୀ ଶ୍ରମ ଅଧିକାରୀ ପୂର୍ଣ୍ଣିମା ଡୁରୁକା କର୍ମଶାଳା ରେ ଯୋଗ ଦେଇଥିବା ପ୍ରଶିକ୍ଷାର୍ଥୀ ମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କଳା ସଂସ୍କୃତି ସଂଘର ଉପ ସଭାପତି ଘେନୁ ମୁଦୁଲି, ବରିଷ୍ଠ କଳାକାର ଅନାଦି କଡ଼ା, ହରେକୃଷ୍ଣ କିର୍ତ୍ତନିଆ, ରଞ୍ଜନ ମହାନ୍ତି, ସାତଟି ବ୍ଲକର ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଓ ଜିଲ୍ଲା ସଂସ୍କୃତି ବିଭାଗର କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751010 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray